## ମା’ ଭଗବତୀ ବାସୁଳେଇଙ୍କ ମନ୍ଦିର ପ୍ରତିଷ୍ଠା

ଯାଜପୁର ସଦର,(ଡି.ଏନ.ଏ.):ଯାଜପୁର ବ୍ଲକ ଅନ୍ତର୍ଗତ ଉପରବରୁଆଁ ପଞ୍ଚାୟତର ବରୁଆଁ ଗ୍ରାମରେ ମା’ ଭଗବତୀ ବାସୁଳେଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହେବା ସହିତ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ୩ ଦିନିଆ କାର୍ଯ୍ୟକ୍ରମରେ କରୋନା ଗାଇଡଲାଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରାଯାଇଥିଲା। ସମଗ୍ର ବିଶ୍ୱରୁ ମହାମାରୀ କରୋନା ଦୂର ହେବା ନିମନ୍ତେ କାମନା କରି ବ୍ରାହ୍ମଣମାନେ ମା’ଙ୍କ ନିକଟରେ ମନ୍ତ୍ରପାଠ କରିଥିଲେ।

## ସଂକ୍ଷେପରେ

### ମଦ ଦୋକାନ ନ ଖୋଲିବା ପାଇଁ ମହିଳାଙ୍କ ଦାବି

**ଯାଜପୁର ଟାଉନ,୩।୫(ଡି.ଏନ.ଏ.):** ସ୍ଥାନୀୟ ପଣସା ପଞ୍ଚାୟତର ମହିଳାମାନେ ନୂତନ ପ୍ରସ୍ତାବିତ ମଦ ଦୋକାନ ନ ଖୋଲିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗୁରୁବାର ରାତିରେ ପଣସା ପଞ୍ଚାୟତର ମୋଟରଙ୍ଗପାଳ ଗ୍ରାମର ଜଣେ ଯୁବକ ଅତ୍ୟାଧିକ ମଦ ପିଇବା ପରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତ ଏକ ଦଳିତ,ଆଦିବାସୀ ବହୁଳ ଅଞ୍ଚଳ। ଆର୍ଥିକ ଅନଟନ ମଧ୍ୟରେ ଲୋକମାନେ ପରିବାର ଚଳାଉଛନ୍ତି। ସେଠାରେ ସରକାରୀ ଠିପି ବନ୍ଦ ମଦ ଦୋକାନ ଖୋଲିବା ପାଇଁ ସ୍ଥିର ହୋଇଛି। ଏହାଦ୍ୱାରା ଲୋକମାନେ ସର୍ବସ୍ୱ ହରାଇବାର ଆଶଙ୍କା ରହିଛି। ସେଥିପାଇଁ ସେହି ମଦ ଦୋକାନ ନ ଖୋଲିବା ପାଇଁ କାଞ୍ଚନ ଜେନା, ଝୁନୁ ଜେନା, ପ୍ରେମଲତା ଜେନା, ସେତୁ ଜେନା, ଶ୍ରୀମତୀ ଜେନା ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ପାନୀୟ ଜଳରୁ ବଞ୍ଚିତ କଡ଼ମା ଗ୍ରାମବାସୀ

**ରଗଡି,୩।୫(ଡି.ଏନ.ଏ.):** ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ପଛିକୋଟ ଗ୍ରାମ ପଞ୍ଚାୟତ କଡ଼ମା ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳ ପାଇଁ ଘାଣ୍ଟି ହେଉଛନ୍ତି। ଏହି ଗ୍ରାମରେ ୬୫ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ହେଲେ ଗ୍ରାମରେ ଗୋଟିଏ ହେଲେ ସଚଳ ସରକାରୀ ନଳକୂପ ନାହିଁ। ପୂର୍ବରୁ ଥିବା ଦୁଇଟି ନଳକୂପ ସମ୍ପୂର୍ଣ୍ଣ ଭାଙ୍ଗି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ଏବେ ଖରା ଦିନରେ ପ୍ରତିଦିନ ପାନୀୟ ଜଳର ଆବଶ୍ୟକତା ମେଣ୍ଟାଇବା ପାଇଁ ମହିଳାମାନଙ୍କୁ ମାଇଲ ମାଇଲ ଦୂର ଚାଲିବାକୁ ପଡୁଛି। ପଞ୍ଚାୟତ ପକ୍ଷରୁ ଗତ ପାଞ୍ଚ ଦିନ ହେବ ଟ୍ୟାଙ୍କର ମାଧମରେ ପାଣି ଦିଆଯାଉଥିଲେ ମଧ ତାହା ଅଣ୍ଟୁନାହିଁ। ଅନ୍ୟପକ୍ଷରେ ଗ୍ରାମକୁ ରାସ୍ତା ସଂଯୋଗ ମଧ ସୁଦୃଢ଼ ନୁହେଁ। ଅସରାଏ ବର୍ଷା ହେଲେ ଗ୍ରାମ ଭିତରକୁ ପ୍ରବେଶ କରିବା କଷ୍ଟସାଧ ହେଉଛି। ଏହାବାଦ୍ ଅନେକ ପରିବାର ଆବାସ ଯୋଜନାରେ ବାସଗୃହ ପାଇଁ ପ୍ରକୃତ ହିତାଧିକାରୀ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ବାସଗୃହ ପାଇବାରୁ ବଞ୍ଚିତ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### କ୍ରୀଡ଼ା ପ୍ରଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

**ସିଂହପୁର,୩।୫(ଡି.ଏନ.ଏ.):** ବିଂଝାରପୁର ବ୍ଲକ ଅଧୀନ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ରମାକାନ୍ତ ସାମଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁବୋଧ କୁମାର ନାୟକ ଅଧକ୍ଷତା କରିଥିଲେ। ପ୍ରାଧାପକ କୃଷ୍ଣଚନ୍ଦ୍ର ସାମଲ, ଘନଶ୍ୟାମ ଜେନା, ଅଧାପକ ମିହିର ରାଉତ, ଉପେନ୍ଦ୍ର ସାମଲ, ପୂର୍ଣ୍ଣଚନ୍ଦ୍ର ସାମଲ, ଷ୍ଟାଫ ଆସୋସିଏଶନର ସମ୍ପାଦକ ପ୍ରଣୟ କୁମାର ଥାଟୋଇ, ଅଧାପକ ସୁବାସ ଚନ୍ଦ୍ର ସାହୁ, ମୀନକେତନ ତ୍ରିପାଠୀ, ପଞ୍ଚାନନ ଜେନା ଓ ଗୋପବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭରଣା ହେଉନି ଖଣି କ୍ଷତି

**ଯାଜପୁର ଉପେକ୍ଷିତ**
- ଅର୍ଥ ବିନିଯୋଗ ନୈରାଶ୍ୟଜନକ
- ୭୭୬.୯୭ରୁ ୧୧୪.୬୫ କୋଟି ଖର୍ଚ୍ଚ

**ଯାଜପୁର ଅଫିସ,୩।୫**

ଖଣିଜ ପଦାର୍ଥ ଲୁଟିଥିବା ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ପ୍ରାୟ ୧୮ ହଜାର କୋଟି ଆଦାୟ କରିବାକୁ ସୁପ୍ରିମ୍‌କୋର୍ଟ ୨୦୧୭ରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ୨୮।୨।୨୦୨୧ ସୁଦ୍ଧା ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲାର ସମ୍ପୃକ୍ତ ଲିଜଧାରୀଙ୍କ ପକ୍ଷରୁ ୧୬,୬୪୪ କୋଟି ଟଙ୍କା ଦାଖଲ ହୋଇଛି। ଏହି ଅର୍ଥକୁ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପ୍‌ମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ଦ୍ୱାରା ଖଣି କ୍ଷତିର ଭରଣା ସ୍ୱରୂପ ପ୍ରଭାବିତ ଅଞ୍ଚଳର ଉନ୍ନୟନ କାର୍ଯ୍ୟରେ ବିନିଯୋଗ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଯାଜପୁର ଜିଲାର ସମ୍ପୃକ୍ତ ଖଣି ଲିଜ୍‌ଧାରୀମାନେ ୨୦୧୭-୧୮ ବର୍ଷରେ ୭୭୬.୯୭ କୋଟି ଦାଖଲ କରିଛନ୍ତି। ଏଥିରୁ ମାତ୍ର ୧୧୪.୬୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଫଳରେ ବିଭିନ୍ନ ପ୍ରକଳ୍ପରେ ଅର୍ଥ ବିନିଯୋଗ କରିବାରେ ଜିଲା ପ୍ରଶାସନ ବିଫଳ ହୋଇଥିବା ମନେହେଉଛି।

ଓଏମ୍‌ବିଏଡିସି ଅର୍ଥକୁ ମୁଖ୍ୟତଃ ବୋର୍ଡ ଅଫ୍ ଡାଇରେକ୍ଟର ଏବଂ ଓଭରସାଇଟ୍ ଅଥରିଟିଙ୍କ ଅନୁମୋଦନ ନେଇ ୭ କ୍ଷେତ୍ରରେ ବ୍ୟୟ କରାଯିବା ପାଇଁ ସ୍ଥିର କରାଯାଇଛି। ଏଥିରେ ପାନୀୟ ଜଳ ଯୋଗାଣ, ଶିକ୍ଷା (ପ୍ରଶିକ୍ଷଣ ଏବଂ କୌଶଳ ବିକାଶ), ସ୍ୱାସ୍ଥ୍ୟ (ଅଙ୍ଗନୱାଡ଼ି କେନ୍ଦ୍ର ସମେତ), ଜୀବନ ଜୀବିକା, ଗ୍ରାମ୍ୟ ସଂଯୋଗୀକରଣ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ରହିଛି। ଏଥିନିମନ୍ତେ ବିଭିନ୍ନ ବିଭାଗ ଓଏମ୍‌ବିଏଡିସିକୁ ଡିପିଆର(ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପ୍ରଦାନ କରିଥାନ୍ତି। ଏହି ଡିପିଆର ଆଧାରରେ ଓଏମ୍‌ବିଏଡିସି ଦ୍ୱାରା ପ୍ରକଳ୍ପଗୁଡିକ ଅନୁମୋଦନ ହୋଇଛି। କିଛିଦିନ ତଳେ ସମାପ୍ତ ହୋଇଥିବା ବିଧାନସଭାର ବଜେଟ ଅଧିବେଶନର ଏକ ପ୍ରଶ୍ନର ଉତ୍ତରରେ ଯାଜପୁର ଜିଲାର ସୁକିନ୍ଦା ବ୍ଲକରେ ମେଗା ଜଳଯୋଗାଣ ପ୍ରକଳ୍ପରେ ୮୯.୩୫ କୋଟି ଟଙ୍କା, ସହରାଞ୍ଚଳ ଜଳ ଯୋଗାଣ ପାଇଁ ୪.୧୫ କୋଟି ଟଙ୍କା, ଆଦର୍ଶ ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ, ପ୍ରାଥମିକ ଓ ମାଧ୍ୟମିକ ସ୍କୁଲର ଭିତ୍ତିଭୂମିର ବିକାଶ ପାଇଁ ୦.୪୪ କୋଟି ଟଙ୍କା, ସରକାରୀ ଆଇଟିଆଇ, ଇଞ୍ଜିନିୟରିଂ ସ୍କୁଲ ଓ ଆଦିବାସୀ ଯୁବକଙ୍କ


ସୁକିନ୍ଦା ଖଣି ଅଞ୍ଚଳ।

କୌଶଳ ଦକ୍ଷତା ଉନ୍ନତି କ୍ଷେତ୍ରରେ ୦.୩୪ କୋଟି ଟଙ୍କା, ସମନ୍ୱିତ ଶିଶୁ ବିକାଶ କ୍ଷେତ୍ରରେ ୬ କୋଟି ଟଙ୍କା, ମାଛଚାଷ ଓ ପଶୁପାଳନ କ୍ଷେତ୍ରରେ ୦.୧୧ କୋଟି ଟଙ୍କା, ଏସ୍‌ଏଚ୍‌ଜି ଓ ସଂଘ କ୍ଷେତ୍ରରେ ୦.୬୮ କୋଟି ଟଙ୍କା, ଉଦ୍ୟାନ ବିଭାଗରେ ୦.୮୫ କୋଟି, ରାସ୍ତା ସଂଯୋଗୀକରଣ ଓ ବ୍ରିଜ୍ କ୍ଷେତ୍ରରେ ୧.୨୩ କୋଟି, ଜଳଛାୟା ପ୍ରକଳ୍ପ ଓ ଫାର୍ମପଣ୍ଡ ନିର୍ମାଣରେ ୦.୦୯ କୋଟି ଏବଂ ଜଳ ସଂରକ୍ଷଣ ପାଇଁ ୭.୩୪ କୋଟି ଓ ଖଣି ପ୍ରଭାବିତ ଅଞ୍ଚଳରେ ସବୁଜୀକରଣ ପାଇଁ ୪.୦୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି।

ଅନ୍ୟପକ୍ଷରେ କଣ୍ଟିନିୟସ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ଷ୍ଟେଶନ ଓ କଣ୍ଟିନିୟସ ରିଭର ୱାଟର କ୍ୱାଲିଟି ମନିଟରିଂ ଷ୍ଟେଶନ, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ଶିକ୍ଷା ବିକାଶ ଆଦି କ୍ଷେତ୍ରରେ ଏଯାଏ ଟଙ୍କାଟିଏ ମଧ ଖର୍ଚ୍ଚ ହୋଇ ପାରିନାହିଁ। ଏହାବାଦ୍ ରିପୋର୍ଟରେ ଯାଜପୁର ଜିଲାର ପାଇପ୍ ଜଳଯୋଗାଣ ପ୍ରକଳ୍ପ ପାଇଁ ୨୦୪.୧୧ କୋଟି, ଶିକ୍ଷା କ୍ଷେତ୍ରରେ କୌଶଳ ବିକାଶ ଓ ତାଲିମ ପାଇଁ ୧୨୨.୨୮ କୋଟି, ଅଙ୍ଗନୱାଡ଼ିକେନ୍ଦ୍ର ପାଇଁ ୨୮୯.୧୯ କୋଟି, ଜୀବନଜୀବିକାର ଉନ୍ନତି (ଲାଇଭଲିହୁଡ ପ୍ରମୋଶନ) ପାଇଁ ୫୯.୫୨ କୋଟି, ଗ୍ରାମ୍ୟ ରାସ୍ତା ସଂଯୋଗୀକରଣ ପାଇଁ ୩.୪୬ କୋଟି, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ୫ କୋଟି ଟଙ୍କା, ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ପାଇଁ ୬୫.୪୨ କୋଟି ଏଭଳି ଭାବେ ସମୁଦାୟ ୭୪୮.୯୮ କୋଟି ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁର ହୋଇ ପଡ଼ିଛି। ଉପରୋକ୍ତ ତଥ୍ୟକୁ ଅବଲୋକନ କଲେ ଓଏମ୍‌ବିଏଡିସିରେ ପାଣ୍ଠି ଥାଇ ମଧ ଗତ ୪ ବର୍ଷ ହେଲା ପ୍ରଶାସନିକ ଉଦାସୀନତା କାରଣରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଫଳରେ ଖଣି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଆଦିବାସୀଙ୍କ ଜୀବନଧାରଣର ମାନ ଅପରିବର୍ତ୍ତିତ ରହିଛି।

ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଓଏମ୍‌ବିଏଡିସି ଦ୍ୱାରା ପ୍ରକଳ୍ପଗୁଡିକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରାଯାଉଛି। ଏଥିପାଇଁ ପ୍ରଶାସନିକ ତତ୍ପରତା ରହିଆସିଛି।

### ଋଣ ଉପରେ ସାମୟିକ ରିହାତି ପାଇଁ ଶ୍ରମିକ ସଙ୍ଗଠନର ଦାବି

**ବଡ଼ଚଣା,୩।୫(ଡି.ଏନ.ଏ)**

କରୋନାର ଦ୍ୱିତୀୟ ଲହରୀ ଦୃଷ୍ଟିରୁ ସମସ୍ତ ବ୍ୟାଙ୍କ ଓ ବେସରକାରୀ ଋଣ ପ୍ରଦାନକାରୀ ସଂସ୍ଥା ସାମୟିକ ରିହାତି ଦେବା ପାଇଁ ଓଡ଼ିଶା ରାଜ୍ୟ ଅଣସଙ୍ଗଠିତ ଶ୍ରମିକ ସଂଘ ସମନ୍ୱୟ କମିଟି ତରଫରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କୁ ଅନୁରୋଧ କରାଯାଇଛି। ରାଜ୍ୟରେ ବିଭିନ୍ନ ବ୍ୟାଙ୍କ ଓ ବେସରକାରୀ ଋଣ ପ୍ରଦାନକାରୀ ସଂସ୍ଥାରୁ ଲୋକମାନେ ଋଣ ନେଇ ନିଜ ପରିବାର ପୋଷଣ କରିବା ସହ ଛୋଟ ବଡ଼ ବ୍ୟବସାୟ କରୁଛନ୍ତି। ବର୍ତ୍ତମାନ କରୋନାର ଦ୍ୱିତୀୟ ଲହରୀ ପ୍ରଥମ ଲହରୀଠାରୁ ଭୟାବହ ହୋଇଯାଇଛି। ଫଳରେ କେନ୍ଦ୍ର ଓ ରାଜ୍ୟ ସରକାର ଶଟ୍‌ଡାଉନ ଓ ଲକ୍‌ଡାଉନ ଘୋଷଣା କରିଛନ୍ତି। ଫଳରେ ଲୋକମାନେ ଯେଉଁ ଋଣ ଆଣିଛନ୍ତି ବର୍ତ୍ତମାନ ସମୟରେ ତାକୁ ପରିଶୋଧ କରିବାର ସମ୍ଭବ ନୁହେଁ। ଋଣ ପ୍ରଦାନକାରୀ ସଂସ୍ଥାମାନେ ଏହି ସମୟରେ ଜୁଲମ ନ କରିବା ପାଇଁ ଅନୁରୋଧ କରାଯାଇଛି। ଓଡ଼ିଶା ରାଜ୍ୟ ଅଣସଙ୍ଗଠିତ ଶ୍ରମିକ ସଙ୍ଗଠନ ସଭାପତି ନୃସିଂହ ଚରଣ ମିଶ୍ର, ସମ୍ପାଦକ ଦୀନବନ୍ଧୁ ସାହୁ, ସହ ସମ୍ପାଦକ ରମେଶ ଚନ୍ଦ୍ର ଜେନା,ସାଙ୍ଗଠନିକ ସମ୍ପାଦକ ନାରାୟଣ ନାୟକ, ସାମାଜିକକର୍ମୀ ରାଜେଶ ଜେନା, ପ୍ରମୁଖ ଏ ସଂକ୍ରାନ୍ତରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଲକ୍‌ଡାଉନ୍ ପୂର୍ବରୁ ଭିଡ଼, ଫସିଲା ଆମ୍ବୁଲାନ୍ସ

**ଚଣ୍ଡିଖୋଲ,୩।୫(ଡି.ଏନ.ଏ.)**

ରାଜ୍ୟ ସରକାର ମେ ୫ରୁ ୧୯ତାରିଖ ପର୍ଯ୍ୟନ୍ତ ୧୪ ଦିନ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହାକୁ ଆଖିଆଗରେ ରଖି ସୋମବାର ବିଭିନ୍ନ ବଜାରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବଡ଼ଚଣା, ଚଣ୍ଡିଖୋଲ, ଛତିଆ ଓ ବାଲିଚନ୍ଦ୍ରପୁର ବଜାରରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ବାଲିଚନ୍ଦ୍ରପୁର ବଜାର ଦେଇ ଯାଉଥିବା ଏକ ଆମ୍ବୁଲାନ୍ସ ଭିଡ଼ରେ ଫସି ଯାଇଥିଲା। ଭିଡ଼ ଟପି ସେହି ଆମ୍ବୁଲାନ୍ସକୁ ବାହାରିବାକୁ ୧୦ମିନିଟ୍ ସମୟ ଲାଗିଥିଲା। ସଚେତନତା ଅଭାବରୁ ଏଭଳି ଭିଡ଼ ପରିଲକ୍ଷିତ ହେଉଛି। କୋଭିଡ଼ କଟକଣା ପାଇଁ ଗହଳି ନ କରିବା ଓ ସାମାଜିକ ଦୂରତ୍ୱ ଉପରେ ସରକାର ଗୁରୁତ୍ୱାରୋପ କରୁଥିବା ବେଳେ ଲୋକମାନେ କଟକଣାକୁ ମାନୁ ନାହାଁନ୍ତି।



ସଚେତନତା ସୃଷ୍ଟି ପାଇଁ ପ୍ରତି ପଞ୍ଚାୟତରେ ମାଇକ୍ ମାଧମରେ ପ୍ରଚାର କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।

## ନୂଆଗଡ଼ରେ ପ୍ରସ୍ତାବିତ କୋଭିଡ୍ ଶ୍ମଶାନକୁ ବିରୋଧ

**ଯାଜପୁର ରୋଡ,୩।୫(ଡି.ଏନ.ଏ.)**

ଟାଟା କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟୁଥିବା କରୋନା ରୋଗୀଙ୍କ ଶବସତ୍କାର ନିମନ୍ତେ ବ୍ୟାସନଗର ପୌରାଞ୍ଚଳର ନୟାଗଡ଼ ମୌଜାରେ ଏକ ଶ୍ମଶାନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନ ନିରୂପଣ କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ଜାତୀୟ ରାଜପଥ ଓ ବ୍ୟାସନଗର ପୌରାଞ୍ଚଳକୁ ଲାଗିଥିବା ଏହି ସ୍ଥାନ ଶ୍ମଶାନ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ଅଣ ସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତି, ଦଳିତ ସେଲ୍‌ର ବାବୁଲାଲ ଗୁରୁ, ଅଭିମନ୍ୟୁ ମିଶ୍ର, ସିଆଇଟିୟୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକ, ଆଇଏନ୍‌ଟିୟୁସିର ଜିଲା କାର୍ଯ୍ୟକାରୀ ସଭାପତି ରଘୁନାଥ ମାଝି, ଅଣ ସଂଗଠିତ ଶ୍ରମିକ କଂଗ୍ରେସର ଜିଲା ସଂଯୋଜକ ପରମାନନ୍ଦ ସେଠୀ, ବିଜୟ କୁମାର ବୋଇତାଇ, ଧୀରେନ୍ଦ୍ର ବେହେରା ପ୍ରମୁଖ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସହ ଟାଟା ହସ୍ପିଟାଲ ନିକଟ ନଦୀକୂଳ ଅଞ୍ଚଳରେ ବହୁ ସରକାରୀ ଜମି ରହିଥିଲେ ହେଁ ଐତିହାସିକ ନୂଆଗଡ଼ ଗୁମ୍ଫା ନିକଟରେ ଶ୍ମଶାନ ନିର୍ମାଣ ପ୍ରସ୍ତାବ ଏକ ଜନବିରୋଧୀ ନିଷ୍ପତ୍ତି। ଏଥିରୁ ନିବୃତ୍ତ ନ ହେଲେ ମିଳିତ ମଞ୍ଚ ପକ୍ଷରୁ ବ୍ୟାସନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଅନଶନ କରିବାକୁ ଚେତାବନୀ ଦିଆଯାଇଛି।

## ଛୋଟି ପଞ୍ଚାୟତର ୯ ନଂ. ୱାର୍ଡକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

**ଡେରାବିଶ,୩।୫(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଞ୍ଚଳରେ କରୋନା ଦିନକୁଦିନ କାୟା ବିସ୍ତାର କରିବାରେ ଲାଗିଛି। ସୋମବାର ବ୍ଲକ ଅଧୀନ ଛୋଟି ପଞ୍ଚାୟତ ୯ ନଂ. ୱାର୍ଡ଼ ଗୁଣ୍ଡୁପୁର ଗାଁରେ ୫ ଜଣ କରୋନାରେ ଆକ୍ରାନ୍ତ ହେବା ଫଳରେ ଏହି ଗ୍ରାମକୁ ସୋମବାର ପୂର୍ବାହ୍ନ ୧୧ଟାଠାରୁ ୭ ଦିନ ପାଇଁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଏହି ଗାଁରେ ରବିବାର ବିବାହ ପାଇଁ ନିର୍ବନ୍ଧ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମାତ୍ର ଗାଁର ଜଣେ ବ୍ୟକ୍ତିଙ୍କୁ ଜ୍ୱର ହେବା ଫଳରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷାରୁ କରୋନା ଭୂତାଣୁ ଥିବା ଜଣାପଡ଼ିଥିଲା। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରୀକ୍ଷା କରାଯିବା ପରେ ସେମାନଙ୍କ ମଧ୍ୟରୁ ଅନ୍ୟ ୪ଜଣଙ୍କଠାରେ କରୋନା ଲକ୍ଷଣ ଥିବା ଜଣାପଡିଥିଲା। ଏହି ୱାର୍ଡରେ ୨୦ଟି ପରିବାର ରହୁଥିବା ବେଳେ ୩ଟି ପରିବାରର ୫ଜଣଙ୍କଠାରେ କରୋନା ପଜିଟିଭ୍ ଥିବା ଜଣାପଡିଛି। ସମସ୍ତ ୫ ଜଣଙ୍କୁ ଛତାସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ବେଳେ ଅନ୍ୟ ୧୭ ଜଣ ପରିବାର ସଦସ୍ୟଙ୍କର ମଙ୍ଗଳବାର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


ପ୍ରଶାସନିକ ଅଧିକାରୀ ପହଞ୍ଚି ଗାଁରେ ବାଡ଼ ପକାଉଛନ୍ତି।

## କୋଭିଡ୍ ଗାଇଡ ଲାଇନ୍ ଉଲ୍ଲଂଘନ କରୁଛି ପ୍ରଶାସନ

**ଯାଜପୁର ଟାଉନ,୩।୫(ଡି.ଏନ.ଏ.)**

କୋଭିଡ୍ ଗାଇଡ୍ ଲାଇନକୁ ଉଲ୍ଲଂଘନ କରୁଛି ଯାଜପୁର ପୌର ପ୍ରଶାସନ। ସହରର ଏକ ରାସ୍ତା ଚଉଡ଼ା ପାଇଁ ଜମି ଅଧିଗ୍ରହଣ ହେବ। ଏଥିପାଇଁ ଆସନ୍ତା ୬ ତାରିଖରେ ଜନଶୁଣାଣୀ ଲାଗି ତାରିଖ ଧାର୍ଯ୍ୟ ହୋଇଛି। ଯଦି ଜନଶୁଣାଣୀ ହୁଏ କୋଭିଡ୍ ନୀତିନିୟମ ଉଲ୍ଲଂଘନ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହାକୁନେଇ ଜନ ଅସନ୍ତୋଷ ସୃଷ୍ଟି ହୋଇଛି।

ମେଡ଼ିକାଲ ଛକରୁ ବଲଭିଘାଟ ଭାୟା ଗରିଆପୁର ରାସ୍ତାକୁ ଚଉଡ଼ା କରାଯିବାକୁ ପୌର ପ୍ରଶାସନ ନିଷ୍ପତ୍ତି ନେଇଛି। ଏଥିପାଇଁ ବାମପାର୍ଶ୍ୱରେ ଥିବା ସ୍ଥାୟୀ ବାସିନ୍ଦାଙ୍କ ଘର ଓ ଅନେକ ପ୍ରତିଷ୍ଠାନ ଭାଙ୍ଗିବାକୁ ଯୋଜନା କରାଯାଇଛି। ୬ ତାରିଖ ଦିନ ପୌରପାଳିକାର ସଭାଗୃହରେ ଏହି ଜନଶୁଣାଣୀ କରାଯିବ। ଏବେ ପୌର ପ୍ରଶାସନର ଅଧକ୍ଷ ଦାୟିତ୍ୱରେ ଅତିରିକ୍ତ ଜିଲାପାଳ (ରାଜସ୍ୱ)ଅକ୍ଷୟ କୁମାର ମଲ୍ଲିକ ରହିଛନ୍ତି। ପୌରପାଳିକାର ଓଏସ୍‌ଡି ସୁଦର୍ଶନ ମିଶ୍ରଙ୍କ କହିବାନୁଯାୟୀ ସରକାରଙ୍କ ଗାଇଡ୍ ଲାଇନ ଅନୁସାରେ ଆମେ ଏ କାର୍ଯ୍ୟ ସମ୍ପନ୍ନ କରାଇବାକୁ ନିଷ୍ପତ୍ତି ନେଇଥିଲୁ। କୋଭିଡ୍‌ର ଭୟାବହତା ସମ୍ପୂର୍ଣ୍ଣ କମିବା ପରେ ଏହି ଜନଶୁଣାଣୀର କରାଯାଉ ବୋଲି କଂଗ୍ରେସ ନେତା ଶିଶିର ନାୟକ, ଆଇନଜୀବୀ ଶୁଭ୍ରାଂଶୁ ଶେଖର ରାୟ, ରାଜୀବ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

# ‘ମୋତେ ବହିଷ୍କାର କରିବା ଅଗଣତାନ୍ତ୍ରିକ’

- ବହିଷ୍କୃତ ବ୍ଲକ ଯୁବ ବିଜେଡି ସଭାପତି ମୁହଁ ଖୋଲିଲେ
- ବରୀ ବିଧାୟିକାଙ୍କ କୁଶପୁତ୍ତଳିକା ଦାହ
- ଅଭିଯୋଗ ଭିତ୍ତିହୀନ:ବିଧାୟିକା

**ରସୁଲପୁର,୩।୫(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ପ୍ରଫୁଲ କୁମାର ସାହୁଙ୍କୁ ଦଳରୁ ରବିବାର ବହିଷ୍କାର କରାଯାଇଥିଲା। ଏହାର ୨୪ ଘଣ୍ଟା ପରେ ସେ ମୁହଁ ଖୋଲିଛନ୍ତି। ସୋମବାର ନିଜ ବାସଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ବରୀ ବିଧାୟିକା ସୁନନ୍ଦା ଦାସ ଓ ତାଙ୍କ ପ୍ରତିନିଧି ସ୍ୱାମୀ ଦେବୁଲି ଓରଫ ଦେବେନ୍ଦ୍ର ଦାସଙ୍କୁ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ସାହୁଙ୍କ ସମର୍ଥକମାନେ ବିଧାୟିକା ଓ ତାଙ୍କ ସ୍ୱାମୀଙ୍କ ବିରୋଧରେ ନାନା ନାରାବାଜି କରିବା ସହ ପଞ୍ଚାୟତରେ ଉଭୟଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି।

ଯାଜପୁର ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି ବ୍ଲକ ଯୁବ ବିଜେଡି ସଭାପତି ସାହୁଙ୍କୁ ଦଳ ବିରୋଧୀ କାର୍ଯ୍ୟ କରୁଥିବା ଦର୍ଶାଇ ବହିଷ୍କାର କରିଥିଲେ। ଏହି ନିଷ୍ପତ୍ତିକୁ ସାହୁ ସହଜରେ ଗ୍ରହଣ କରିପାରିନାହାନ୍ତି। ଜିଲା ସଭାପତିଙ୍କ ଏଭଳି ନିଷ୍ପତ୍ତି ବରୀ ବିଧାୟିକା ଦାସ ଓ ତାଙ୍କ ସ୍ୱାମୀଙ୍କ ପ୍ରରୋଚନାରେ ହୋଇଛି। ଉଭୟ ପୁରୁଣା ବିଜେଡିକର୍ମୀ ଓ ତୃଣମୂଳସ୍ତରର ନେତାଙ୍କୁ ଦଳରୁ ବହିଷ୍କାର କରିବାକୁ ଚକ୍ରାନ୍ତ କରି ଆସୁଛନ୍ତି। ଭାଜପାର ପୁରୁଣା ସାଥୀଙ୍କୁ ଦଳରେ ସାମିଲ କରି ନିଜସ୍ୱ ସଙ୍ଗଠନ ଗଠନ କରିବା ପାଇଁ ଏଭଳି ପ୍ରୟାସ କରୁଛନ୍ତି। ବରୀ ନିର୍ବାଚନ ମଣ୍ଡଳୀର ଭାଜପା ନେତା ସୁବୋଧ ଜେନା, ଆର୍ତ୍ତବନ୍ଧୁ ସାମଲ, ହିମାଂଶୁ ନାୟକ ପ୍ରମୁଖଙ୍କୁ ଦଳରେ ସାମିଲ କରି ପଦପଦବୀ ଦେବା ଏହାର ଉଦାହରଣ ବୋଲି ସାହୁ କହିଛନ୍ତି। ଏଥିପାଇଁ ବିଜେଡିର ପୁରୁଣା କର୍ମୀଙ୍କୁ ଅଣଦେଖା କରାଯାଉଛି। ଯେଉଁମାନେ ମୁହଁ ଖୋଲୁଛନ୍ତି ସେମାନଙ୍କୁ ଦଳରୁ ବହିଷ୍କାର କରାଯାଉଛି ବୋଲି ସେ କହିଛନ୍ତି। ବରୀ ବିଧାୟିକା ଓ ତାଙ୍କ ସ୍ୱାମୀଙ୍କ କବଳରୁ ଦଳକୁ ରକ୍ଷା କରିବାକୁ ସେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ବିଜେଡି ଯୁବ ବ୍ୟାପାର ସାଧାରଣ ସମ୍ପାଦକ ପ୍ରଣବ କୁମାର ବଳବନ୍ତରାୟ, ଏମ୍‌ପି ଶର୍ମିଷ୍ଠା ସେଠୀଙ୍କୁ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି। ଏହାଛଡା ତାଙ୍କ ବହିଷ୍କାରକୁ ସେ ଅଗଣତାନ୍ତ୍ରିକ ବୋଲି ଦର୍ଶାଇଛନ୍ତି। ଆବଶ୍ୟକ ହେଲେ ସେ କୋର୍ଟରେ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ବିଧାୟିକାଙ୍କ ବିରୋଧରେ ତାଙ୍କର ସଂଗ୍ରାମ ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି।

ବିଧାୟିକା ଦାସ କହିଛନ୍ତି, ସାହୁଙ୍କ ଅଭିଯୋଗ ଅମୂଳକ ଓ ଭିତ୍ତିହୀନ। ସେ ଦୀର୍ଘଦିନ ଧରି ଦଳ ବିରୋଧୀ କାର୍ଯ୍ୟ କରି ଆସୁଥିଲେ। ସେଥିପାଇଁ ତାଙ୍କ ବିରୋଧରେ ମୁଁ ଜିଲା ସଭାପତିଙ୍କ ନିକଟରେ ଅଭିଯୋଗ କରିଥିଲି। ବହିଷ୍କୃତ ସଭାପତି ସାହୁଙ୍କ ସମର୍ଥକ ଅତଲାପୁର ବିଜେଡି ସଭାପତି ଉଦ୍ଧବ ଚରଣ ପୃଷ୍ଟି, ପଞ୍ଚାୟତ ଛାତ୍ର ବିଜେଡି ସଭାପତି ଦେବାନନ୍ଦ ସାହୁ, ଯୁବନେତା ସୁଶାନ୍ତ କୁମାର ପୃଷ୍ଟି, ସେକ୍ ଅଜିଲାଲା ଉଦ୍ଦିନ, ସୁବାସ ଚନ୍ଦ୍ର ସାହୁ, ନଟବର ସାହୁ, ୱାର୍ଡ ସଭ୍ୟ ଗୁଣନିଧି ସାହୁ, ନରେନ୍ଦ୍ର କୁମାର ସାହୁ, ଖଗେଶ୍ୱର ବାରିକ, ଦୀପକ ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସମେତ ଶତାଧିକ ବ୍ୟକ୍ତି ବିଧାୟିକା ଦାସ ଓ ତାଙ୍କ ସ୍ୱାମୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ।


ଖବରଦାତା ସମ୍ମିଳନୀରେ ପ୍ରଫୁଲ୍ଲ ସାହୁ।

## ଖବରଦାତାଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣାକୁ ସ୍ୱାଗତ

**ଚଣ୍ଡିଖୋଲ,୩।୫(ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖବରଦାତାମାନଙ୍କୁ କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଏହାକୁ ବଡ଼ଚଣା ପ୍ରେସ ଫୋରମ୍ ପକ୍ଷରୁ ସ୍ୱାଗତ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସେହିପରି ସୋମବାର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ପ୍ରତି ବ୍ଲକରେ ଶିବିର କରାଯାଇ ଖବରଦାତାମାନଙ୍କୁ ଟିକାକରଣ କରାଯିବ ବୋଲି ଘୋଷଣା କରିବା ପରେ ବଡ଼ଚଣା ପ୍ରେସ୍ ଫୋରମ୍ ତରଫରୁ ଉପଦେଷ୍ଟା ମହେଶ୍ୱର ବଳ, ଆବାହକ ପ୍ରଦୀପ୍ତ କୁମାର ପୃଷ୍ଟି, ଭକ୍ତଚରଣ ସାହୁ, ପ୍ରତାପ ରାଉତରାୟ, ଉତ୍କଳ ପ୍ରଧାନ, ବସନ୍ତ କୁମାର ପଲେଇ,ପ୍ରଭାସ ଚନ୍ଦ୍ର ଦାଶ, ପ୍ରଫୁଲ୍ଲ କୁମାର ପଣ୍ଡା, କାର୍ତ୍ତିକ ଚନ୍ଦ୍ର ରାଉତ ପ୍ରମୁଖ ସ୍ୱାଗତ କରିଛନ୍ତି।




**ପୂର୍ବ ତଟ ରେଳପଥ**

(୧)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-03-21

**କାର୍ଯ୍ୟର ବିବରଣୀ :** ତିନି ବର୍ଷ ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋ ଠାରେ ଗରିବ ରଥ ଏକ୍ସପ୍ରେସ୍‌ର ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍ ଟାଇପ୍ AC କୋଚ୍ ଏବଂ ପାୱାର କାର ଗୁଡ଼ିକରେ କଣ୍ଟ୍ରୋଲ ପ୍ୟାନେଲ୍ ସହିତ ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 2,44,66,308.05

(୨)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-04-21

**କାର୍ଯ୍ୟର ବିବରଣୀ :** ତିନି ବର୍ଷ ନିମନ୍ତେ ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ ଗରିବ ରଥ ଏକ୍ସପ୍ରେସ୍‌ର ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍ ଟାଇପ୍ AC କୋଚ୍ ଏବଂ ପାୱାର କାର ଗୁଡ଼ିକରେ କଣ୍ଟ୍ରୋଲ ପ୍ୟାନେଲ୍ ସହିତ ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 1,23,55,384.45

ଶେଷ ହେବା ଅବଧି : 36 ମାସ। (ଉଭୟ ଟେଣ୍ଡର ନିମନ୍ତେ)

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.25.05.2021 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏଭିଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ), ଖୋର୍ଦ୍ଧା ରୋଡ୍

PR-70/M/21-22

**ODISHA PUBLIC SERVICE COMMISSION CUTTACK**

**NOTICE**

No. 2924 / P.S.C., (1E-17-20-21) (DR-II) Dt. 03.05.2021

**No. D-16:-** In view of the lockdown declared by the State Government from 05th May, 2021 to 19th May, 2021 throughout the State due to Covid-19 pandemic situation, the Commission have decided to postpone the conduct of the physical verification of original certificates & documents for recruitment to the post of Assistant Executive Engineer (Electrical), pursuant to the Advertisement No. 10 of 2019-20, scheduled to be held from 17.05.2021 to 19.05.2021 until further order. The next date for conduct of aforesaid verification process shall be notified in due course. The concerned candidates are advised to visit the website of the Commission regularly regarding conduct of the same.

The present notice supersedes the notice No. 2912/PSC, dt. 30.04.2021.

Sd./- Additional Secretary

OIPR-12002/11/0011/2122

**ODISHA PUBLIC SERVICE COMMISSION CUTTACK**

**NOTICE**

No. 2928 / P.S.C., Dt. 03.05.2021

**No. D-17:-** It is for the information of all concerned candidates applying for OCS-2020 that, in view of the “lockdown” declared by the Government of Odisha throughout the state with effect from 5th May 2021 to 19th May 2021 the scheduled date for conduct of OCS preliminary (written) examination, 2020, pursuant to Advt. No.07 of 2020-21, published vide Notice No. 2192/PSC, Dt.22.03.2021, is hereby postponed. The details of the Programme of the said examination shall be notified in due cource. The candidates are advised to visit the website of the Commssion at http://opsc.gov.in regularly for further information in the matter.

Sd./- Additional Secretary

OIPR-12002/11/0012/2122

## ସଂକ୍ଷେପରେ

### ଗାଡ଼ି ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

ବାଲିକୁଦା,୩।୫(ସ୍ୱ.ପ୍ର.):ଜଣେ ଗାଡ଼ି ଚାଳକଙ୍କର ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ମୃତକ ଜଣକ ହେଉଛନ୍ତି ବାଲିକୁଦା ଥାନା ଅନ୍ତର୍ଗତ କୁଶୁପୁର ପଞ୍ଚାୟତ ତେନ୍ତୁଳିବେଲାରୀ ଗାଁର ସୁଦର୍ଶନ ମାଝି (୩୮)। ସୁଦର୍ଶନଙ୍କର ଦୁଇ ଜଣ ସ୍ତ୍ରୀ ଅଛନ୍ତି। ପ୍ରଥମ ସ୍ତ୍ରୀଙ୍କୁ ଛାଡି ଦ୍ୱିତୀୟ ସ୍ତ୍ରୀଙ୍କ ସହ ବାଲିକୁଦା ବାଲିଯାତ୍ରା ପଡ଼ିଆଠାରେ ଏକ ଭଡ଼ା ଘର ନେଇ କିଛି ମାସ ହେବ ରହି ଆସୁଥିଲେ। ପ୍ରଥମ ସ୍ତ୍ରୀଙ୍କର ୧୨ ବର୍ଷର ଝିଅ ଥିବାବେଳେ ସୁଦର୍ଶନ ୪ ବର୍ଷ ତଳେ ଅନ୍ୟ ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରି ତାଙ୍କୁ ନେଇ ଭଡ଼ା ଘରେ ରହୁଥିଲେ। ସୁଦର୍ଶନ ଜଣେ ଗାଡ଼ି ଚାଳକ। ତାଙ୍କ ନିଜର ଏକ ଚାରି ଚକିଆ ଗାଡ଼ି ଅଛି। ସେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଗାଡ଼ିରେ ମଧ ଡ୍ରାଇଭର ଭାବେ କାମ କରୁଥିଲେ। ସୋମବାର ତାଙ୍କ କାରରେ ବର ନେଇଯିବା ପାଇଁ ସେ ସକାଳେ ନିଜ ଘର ସମ୍ମୁଖରେ ଗାଡ଼ିକୁ ସଜାଉଥିବା ବେଳ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ ବୋଲି କୁହାଯାଉଛି। ତେବେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ତାଙ୍କୁ ଘରେ ବିଶ୍ରାମ ନେବାକୁ କହିଥିଲେ। ହେଲେ ସେ ଘରକୁ ବିଶ୍ରାମ ନେବାକୁ ଯାଇ ଆଉ ଉଠି ନ ଥିଲେ। ଦୀର୍ଘ ସମୟ ଶୋଇ ରହିବାରୁ ସ୍ତ୍ରୀଙ୍କ ସନ୍ଦେହ ହେବାରୁ ତାଙ୍କ ପାଖକୁ ଯାଇ ଡାକିଥିଲେ ମଧ ସେ ଆଉ ଶୁଣି ନ ଥିଲେ। ପରେ ତାଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ପ୍ରଥମ ସ୍ତ୍ରୀ ରେଣୁବାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱାମୀଙ୍କ ବେକରେ କିଛି କ୍ଷତ ଚିହ୍ନ ଦେଖି ହତ୍ୟା କରାଯାଇଛି ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ନଂ.୧୦/୨୧ ରୁଜୁ ହୋଇଛି।

### ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ

କୁଜଙ୍ଗ,୩।୫(ଡି.ଏନ୍.ଏ.): କୁଜଙ୍ଗ ତହସିଲ ଅଞ୍ଚଳ ବାଲି ମାଟି ମାଫିଆଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ମାତ୍ର ପ୍ରଶାସନ ସବୁ ଜାଣି ଚୁପ୍ ବସିଛି ବୋଲି ଭାଜପାର ପଙ୍କପାଳ ମଣ୍ଡଳ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୋମବାର ଅଭିଯୋଗ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ତହସିଲ ଅନ୍ତର୍ଗତ ଅରକ୍ଷିଆ ମୌଜାର ୫ ଏକର ପରିମିତ ଜଙ୍ଗଲ ଜମିର ଖାତା ନଂ.୩୦୭ ଓ ପ୍ଲଟ ନଂ.୮୭୩ ମାଟି ତାଡି ବିକ୍ରି କରି ଦିଆଯାଇଛି। ଏଥିପାଇଁ ବ୍ଲକରୁ କାର୍ଯ୍ୟାଦେଶ ମିଳିଛି ଓ ତହସିଲ୍‌ରୁ ଅନୁମତି ମିଳିଛି ବୋଲି ଅଭିଯୁକ୍ତମାନେ କହୁଛନ୍ତି। ମାତ୍ର ସୂଚନାଅଧିକାର ଆଇନବଳରେ ବ୍ଲକରୁ ଏନେଇ କୌଣସି କାର୍ଯ୍ୟାଦେଶ ମିଳି ନଥିବା ଜଣାପଡ଼ିଛି। ସେହିପରି ତହସିଲରୁ ମାଟି ଉଠାଇବା ପାଇଁ ଅନୁମତି ଦିଆଯାଇ ନଥିବା ସ୍ପଷ୍ଟ ହୋଇଛି। ଏ ସମ୍ପର୍କରେ୨୦।୨।୨୧ ଓ ୨୫।୨।୨୧ରେ ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ତହସିଲ ପ୍ରଶାସନକୁ ଗ୍ରାମବାସୀଙ୍କ ତରଫରୁ ଅବଗତ କରାଯାଇଛି। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଅରଖିଆଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଙ୍କପାଳ ମଣ୍ଡଳ ସଭାପତି ପ୍ରଦୀପ ମହାପାତ୍ର, ପାରାଦୀପଗଡ ମଣ୍ଡଳ ସଭାପତି ରଶ୍ମିରଞ୍ଜନ ସାମନ୍ତରାୟ, ସାଧାରଣ ସମ୍ପାଦକ ରଘୁନାଥ ଦାସ, ବିନମ୍ର ମଞ୍ଜୁଳ ସ୍ୱାଇଁ ଓ ଗୁଣନିଧି ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ପ୍ରଶାସନ ଭାଙ୍ଗୁଛି, ଚାଷୀ ବନ୍ଧ ବାନ୍ଧୁଛନ୍ତି

**ମେ ଶେଷ ସୁଦ୍ଧା ଚିଙ୍ଗୁଡ଼ି ଘେରି ଉଚ୍ଛେଦ**

- ଗୋଟିଏ ସ୍ୱତନ୍ତ୍ର ପୋଲିସ ପ୍ଲାଟୁନ ନିୟୋଜିତ ହେବେ
- ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗରୁ ଖର୍ଚ୍ଚ ଭରଣା

କେନ୍ଦ୍ରାପଡ଼ା ଅଫିସ, ୩।୫


ପ୍ରଶାସନ ପକ୍ଷରୁ ଚିଙ୍ଗୁଡି ଘେରି ବନ୍ଧକୁ ଜେସିବି ଲଗାଇ ଭଙ୍ଗାଯାଉଛି।

ବେଆଇନ ଚିଙ୍ଗୁଡ଼ି ଘେରି ପ୍ରତି ଓଡ଼ିଶା ହାଇକୋର୍ଟ କଠୋର ହୋଇଛନ୍ତି। ମେ ମାସ ଶେଷସୁଦ୍ଧା କେନ୍ଦ୍ରାପଡ଼ା ଜିଲାରେ ଗଢ଼ି ଉଠିଥିବା ସମସ୍ତ ବେଆଇନ ଚିଙ୍ଗୁଡ଼ି ଘେରି ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ବେଆଇନ ଘେରି ମାଲିକଙ୍କ କାର୍ଯ୍ୟକଳାପକୁ ନେଇ ଫୌଜଦାରି ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଚଳିତଥର ଏହାକୁ କଡାକଡି ଭାବେ ପାଳନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏଥିସହ ଗୋଟିଏ ସ୍ୱତନ୍ତ୍ର ପୋଲିସ ପ୍ଲାଟୁନ ଏହି ଘେରି ଭଙ୍ଗା କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଅର୍ଥ ବ୍ୟୟବରାଦ ହୋଇଛି। ପ୍ରତି ଶୁକ୍ରବାର ମୁଖ୍ୟ ସଚିବ ଓ ଜିଲା ପ୍ରଶାସନର ସମୀକ୍ଷା ହେବାକୁ ଥିବା ବେଳେ ଜିଲାରେ ଏହାର ସଫଳତା ନେଇ ସ୍ଥାନୀୟ ଅଧିବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ପ୍ରଶାସନ ଭାଙ୍ଗୁଥିବା ଘେରି ପରଦିନ ପୂର୍ବବତ କାର୍ଯ୍ୟକାରୀ ହୋଇଯାଉଛି। ଏ ନେଇ ପ୍ରଶାସନର ଆଭିମୁଖ୍ୟ ସ୍ପଷ୍ଟ ନୁହେଁ ବୋଲି ପରିବେଶବିତମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପରିବେଶବିତ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ପ୍ରଭୁପ୍ରସାଦ ମହାପାତ୍ର, ହରେକୃଷ୍ଣ ପାତ୍ର ପ୍ରମୁଖ କହିଛନ୍ତି, ଆର୍ଦ୍ରଭୂମିର ସୁରକ୍ଷା ନିହାତି ଜରୁରୀ। କେନ୍ଦ୍ରାପଡ଼ା ଜିଲା ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇବା ପରି ଜୈବ ବିବିଧତା ଏଠାରେ ଥିଲେ ମଧ ଚିଙ୍ଗୁଡ଼ି ଘେରି ଏହାର ବିନାଶ କରୁଛି। ଜିଲାର ମହାକାଳପଡ଼ା, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ପ୍ରାୟ ୧୫ ହଜାର ହେକ୍ଟର ଉପରେ ଚିଙ୍ଗୁଡି ଘେରି ବେଆଇନ ଭାବେ ନିର୍ମାଣ ହୋଇଛି। ଭିତରକନିକା ବନାଞ୍ଚଳ ନିଷିଦ୍ଧାଞ୍ଚଳ ଘୋଷଣା ହୋଇଥିଲେ ମଧ ଚିଙ୍ଗୁଡି ଚାଷୀଙ୍କ ଅବାଧ ପ୍ରବେଶ ବଢ଼ି ଚାଲିଛି। ଚିଙ୍ଗୁଡି ଘେରିରୁ ଉଦ୍‌ବୃତ୍ତ ରାସାୟନିକ ଜଳ ହେନ୍ତାଳ ବଣକୁ ନଷ୍ଟ କରୁଛି। ଏହାସହ ସମୁଦ୍ର ଜଳରେ ଏହି ବିଷାକ୍ତ ଜଳ ମିଶିବା ପରେ ସାମୁଦ୍ରିକ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଉଛି। ଆର୍ଦ୍ରଭୂମିର ସୁରକ୍ଷା ପାଇଁ ସୁପ୍ରିମକୋର୍ଟ (ସର୍ବୋଚ୍ଚ ନ୍ୟାୟାଳୟ)ର ନିର୍ଦ୍ଦେଶକ୍ରମେ ହାଇକୋର୍ଟ(ଉଚ୍ଚ ନ୍ୟାୟାଳୟ)ରେ ଆପଣାଛାଏଁ ମାମଲା ରୁଜୁ ହୋଇଛି। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଆମିକସ୍‌କ୍ୟୁରୀ ନିଯୁକ୍ତ କରିଛନ୍ତି। ଏଥିସହ ଚଳିତ ମାସ ଶେଷ ସୁଦ୍ଧା ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏଥିରେ ଜିଲା ପ୍ରଶାସନ ସଫଳ ହେଉନାହିଁ। ଗତ ୪ ବର୍ଷ ଧରି ପ୍ରଶାସନ ପକ୍ଷରୁ ନାମକୁମାତ୍ର ଘେରି ଉଚ୍ଛେଦ ଚାଲିଛି। ଘେରି ଗୋଟିଏ ମୁଣ୍ଡର ବନ୍ଧ ଅଳ୍ପ କିଛି ମାତ୍ରାରେ ଭାଙ୍ଗୁଥିବା ବେଳେ ପରଦିନ ଏହି ସ୍ଥାନକୁ ଚାଷୀ ବନ୍ଧ ବାନ୍ଧୁଛନ୍ତି। ତେବେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ, ଚାଷୀଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ ହେଉନାହିଁ। ସେହିପରି ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଥିଲେ ମଧ ଆସବାବପତ୍ରକୁ ନଷ୍ଟ କରାଯାଉନାହିଁ। ଘେରିର ଉଦ୍‌ବୃତ୍ତ ରାସାୟନିକ ଜଳ ସ୍ଥାନୀୟ ଧାନ ଓ ଅନ୍ୟ ଅର୍ଥକରୀ ଫସଲକୁ ନଷ୍ଟ କରୁଛି। ସେହିପରି ଲୁଣା ଜଳ ଘେରି ନିକଟକୁ ଆଣିବାକୁ କେନାଲର ମଧୁର ଜଳକୁ ବନ୍ଦ କରାଯାଉଛି। ଉପାନ୍ତ ଅଞ୍ଚଳରେ ଚିଙ୍ଗୁଡି ଘେରିର ଅପକାରିତା ନେଇ ସଚେତନତା କାର୍ଯ୍ୟକ୍ରମ ସହ ଘେରିକୁ ନଷ୍ଟ ପାଇଁ ପରିବେଶବିତମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ବେଆଇନ ଚିଙ୍ଗୁଡି ଘେରିର ଉଚ୍ଛେଦ ଚାଲିଛି। ଜିଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ୩୦୦୮ ଏକର ଅଞ୍ଚଳର ଚିଙ୍ଗୁଡି ଘେରି ଉଚ୍ଛେଦ ହୋଇଛି। ଅମାନିଆ ଚାଷୀଙ୍କ ବିରୋଧରେ ମାମଲା ରୁଜୁ ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

### ୧୧ ହାଇୱା ଜବତ ଘଟଣା: ୩ ଲକ୍ଷ ୫୦ହଜାର ଟଙ୍କା ଜରିମାନା

କୁଜଙ୍ଗ,୩।୫(ଡି.ଏନ.ଏ.)

କୁଜଙ୍ଗ ତହସିଲ ଅଧୀନ ଗୋବର୍ଦ୍ଧନପୁର ବାଲି ଘାଟ ଉପରେ ଶନିବାର ଭୋରୁ ଜିଲା ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ବେଆଇନ ଭାବେ ବାଲି ଚୋରା ଚାଲଣ ଓ ଉତ୍ତୋଳନରେ ନିୟୋଜିତ ୧୧ ହାଇୱା ଓ ଗୋଟିଏ ପୋକଲିନ ଜବତ କରାଯାଇଥିଲା। ସୋମବାର ତହସିଲ ପକ୍ଷରୁ ଜବତ ୧୧ହାଇୱା ଉପରେ ୩ଲକ୍ଷ ୫୦ହଜାର ଟଙ୍କା ଜରିମାନା କରାଯାଇଛି। ହେଲେ ହାଇୱା ମାଲିକମାନେ ଜରିମାନା ଟଙ୍କା ଜମା ଦେଇ ନାହାନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଡ. ପୂଜା ଲେଙ୍କାଙ୍କୁ ପଚାରିବାରେ ଜରିମାନା ହୋଇଥିବା ଟଙ୍କା ଆଦାୟ ପରେ ଆଇନଗତ ପଦକ୍ଷେପ ନେବାକୁ ବିଚାର ବିମର୍ଷ ଚାଲିଛି। ସୂଚନାଯୋଗ୍ୟ, ଗୋବର୍ଦ୍ଧନପୁର ବାଲିଘାଟ ନିଲାମ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ମାତ୍ର ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଘାଟରୁ ବେଆଇନ ଭାବେ ବାଲି ଉଠାଣ ଚାଲିଥିଲା।

## ଆଶା, ଅଙ୍ଗନୱାଡି କର୍ମୀ ଗାଁରେ ବୁଲି କଲେ ସଚେତନ


ରାଜନଗର ବ୍ଲକରୁ ସଚେନତନାରାଲିରେ ବାହାରିଥିବା ଆଶା ଓ ଅଙ୍ଗନୱାଡି କର୍ମୀମାନେ।

ରାଜନଗର,୩।୫(ଡି.ଏନ.ଏ.)

ରାଜନଗରରେ କରୋନା ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଏଥିରୁ ବର୍ତ୍ତିବା ପାଇଁ ସଚେତନତା ହିଁ ଏକମାତ୍ର ବାଟ। ଲୋକେ ସରକାରଙ୍କ କଟକଣା ମାନୁ ନ ଥିବାରୁ ପଜିଟିଭ ସଂଖ୍ୟା ବଢୁଥିବାରୁ ଏହା ଚିନ୍ତା ବଢାଇଛି। ଲୋକମାନଙ୍କୁ ସଚେତନ କରିବାକୁ ସୋମବାର ଆଶା ଓ ଅଙ୍ଗନୱାଡି କର୍ମୀମାନେ ଗାଁକୁ ଗାଁ ବୁଲି ସମସ୍ତ ୱାର୍ଡ ଓ ସାହି ବୁଲି ଲୋକମାନଙ୍କୁ ସଚେତନ କରିଛନ୍ତି। ସରକାରଙ୍କ କଟକଣା ମାନିବା, ଆବଶ୍ୟକ ନ ଥିଲେ ପଦାକୁ ବାହାରିବାନି, ମାସ୍କ ବ୍ୟବହାର କରିବା, କଥା ହେବା ସମୟରେ ଶାରୀରିକ ଦୂରତା ୬ଫୁଟ ରଖିବା, ବାହାରୁ ଘରକୁ ଫେରିଲେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ହାତ ଧୋଇବା, ଭିଡ ସ୍ଥାନକୁ ନ ଯିବା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଛନ୍ତି। ରାଜନଗର ବ୍ଲକ କାର୍ଯ୍ୟାଳୟରୁ ଆଶା ଓ ଅଙ୍ଗନୱାଡି କର୍ମୀମାନେ ହାତରେ ପ୍ଲା କାର୍ଡ ଧରି ସଚେତନତା ବାର୍ତ୍ତା ସମ୍ପର୍କରେ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ।

### ବିଶ୍ୱଜିତ୍‌ଙ୍କୁ କୋର୍ଟଚାଲାଣ

ବାଲିକୁଦା,(ସ୍ୱ.ପ୍ର.)

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅନନ୍ତପୁର ପଞ୍ଚାୟତ ବ୍ରାହ୍ମଣଡିହି ଗାଁର ବିଶ୍ୱଜିତ ପାତ୍ରଙ୍କୁ ରବିବାର ରାତିରେ ପୋଲିସ ଘରୁ କାବୁ କରି ସୋମବାର କୋର୍ଟ ଚାଲାଣ କରିଛି। ବିଶ୍ୱଜିତ ଓ ତାଙ୍କର ଦୁଇଜଣ ସାଙ୍ଗ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଏପ୍ରିଲ ୧୧ରେ ବନ୍ଧୁକ ଦେଖାଇ ଭୟଭିତ କରିଥିଲେ। ଏ ନେଇ ସମ୍ପୃକ୍ତ ଯୁବକ ଜଣକ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅପରପକ୍ଷେ ବିଶ୍ୱଜିତ ଅଭିଯୋଗକାରୀ ଯୁବକ ଜଣକ ତାଙ୍କ ଭଉଣୀଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ଫାଣ୍ଡିରେ ପାଲଟା ଅଭିଯୋଗ କରିଥିଲେ। ବିଶ୍ୱଜିତକୁ ପୋଲିସ କୋର୍ଟ ଚାଲାଣ କରିଥିବା ବେଳେ ଭଉଣୀଙ୍କୁ ଅଶାଳୀନ ଇଙ୍ଗୀତ କରିବା ଯୁବକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

### ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

କୁଜଙ୍ଗ,୩।୫ (ଡି.ଏନ.ଏ.)

କୁଜଙ୍ଗ ତହସିଲଦାର ଭାବେ ପ୍ରୀତିପର୍ଣ୍ଣା ମିଶ୍ର ସୋମବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଡ. ପୂଜା ଲେଙ୍କା ନୂତନ ତହସିଲଦାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ମିଶ୍ର ସୁନ୍ଦରଗଡ଼ ଜିଲାର ଗୁରୁଣ୍ଡିଆରେ ପୂର୍ବରୁ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ତହସିଲଦାରଙ୍କ ଏହି ଦାୟିତ୍ୱ ଗ୍ରହଣ ସମୟରେ ତହସିଲର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମଦ ଦୋକାନକୁ ବିରୋଧ, ମହିଳାଙ୍କ ଧାରଣା


ପ୍ରସ୍ତାବିତ ମଦ ଦୋକାନ ସମ୍ମୁଖରେ ଧାରଣାରତ ମହିଳାମାନେ।

ପଟ୍ଟାମୁଣ୍ଡାଇ ୩।୫( ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ବଡପଡ଼ା ହଟପଡିଆଠାରେ ବିଦେଶୀ ମଦ ଦୋକାନ ଖୋଲିବାକୁ ନେଇ ଦୁଇ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବଡପଡା ଓ ବଡମହନପୁର ପଞ୍ଚାୟତର ଶତାଧିକ ମହିଳା ଏହାକୁ ବିରୋଧ କରି ପ୍ରସ୍ତାବିତ ମଦ ଦୋକାନ ଆଗରେ ସୋମବାର ଗଣଧାରଣାରେ ଦେଇଥିଲେ। ୭ ଦିନ ପୂର୍ବରୁ ବଡପଡ଼ା ସରପଞ୍ଚଙ୍କ ମାଧ୍ୟମରେ ପଟ୍ଟାମୁଣ୍ଡାଇ ତହସିଲଦାର, ବିଡିଓ, ଏସ୍‌ଡିପିଓ, ପଟ୍ଟାମୁଣ୍ଡାଇ ଥାନା ଅଧିକାରୀ ଓ ଜିଲାପାଳ କେନ୍ଦ୍ରାପଡ଼ାଙ୍କୁ ପ୍ରସ୍ତାବିତ ମଦ ଦୋକାନ ନ ଖୋଲିବାକୁ ଲିଖିତ ଭାବେ ଦାବି ଜଣାଇଥିଲେ। ଇତିମଧ୍ୟରେ ୭ ଦିନ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ମଦ ଦୋକାନ ବନ୍ଦ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ମଦ ଦୋକାନ ଲାଇସେନ୍ସ ପାଇଥିବା ବ୍ୟକ୍ତି ଜଣଙ୍କ ବ୍ୟାନର, ହୋର୍ଡିଂ ଲଗାଇବାରେ ଲାଗିଛନ୍ତି। ଏହାକୁ ସ୍ଥାନୀୟ ମହିଳାମାନେ ବିରୋଧ କରିଥିଲେ। ଆନ୍ଦୋଳନକାରୀ ମହିଳାମାନେ ଦର୍ଶାଇଛନ୍ତି ଯେ, ବଡପଡ଼ା ପଡିଆ ନିକଟରେ ଶ୍ରୀରାମ ମନ୍ଦିର, ଶିବ ମନ୍ଦିର,ଜୟଗୁରୁ ଆଶ୍ରମ, ହାଇସ୍କୁଲ, ୟୁପି ସ୍କୁଲ, କଲ୍ୟାଣ ମଣ୍ଡପ, ଦୁଇଟି ବ୍ୟାଙ୍କ, ଆରଆଇ ଅଫିସ, ପୋଷ୍ଟ ଅଫିସ ଓ ଏକାଧିକ ସରକାରୀ କାର୍ଯ୍ୟାଳୟ ରହିଛି। ଫଳରେ ମହିଳା ଯୁବତୀମାନେ ଏହି ବାଟ ଦେଇ ଏହି ସବୁ ସ୍ଥାନକୁ ଯିବାକୁ ସଙ୍କୋଚ ଅନୁଭବ କରିବେ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ବଡପଡ଼ା ପଡିଆର ସୌନ୍ଦର୍ଯ୍ୟକରଣ ପାଇଁ ଏକାଧିକ ହାଇମାକ୍ସ ଲାଇଟ୍ ଲଗାଯାଇଛି। ମଦ ଦୋକାନ ଖୋଲିଲେ ପଡିଆ ଆବର୍ଜନା ସହ ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ସାଧାରଣ ଲୋକ ଯାତାୟତ କରିବା କଷ୍ଟସାଧ ହୋଇପଡିବ। ଆନ୍ଦୋଳନକାରୀ ମହିଳାମାନେ ହେଲେ ନିର୍ମଳା ନନ୍ଦ, ଜ୍ୟୋତ୍ସ୍ନାରାଣୀ ମିଶ୍ର, ପର୍ବତୀ ସ୍ୱାଇଁ, ଜଶ୍ୱମତି ନାୟକ, ଅହଲ୍ୟା ନାୟକ, ଚନ୍ଦ୍ରକାନ୍ତି ମଲିକ, ପାର୍ବତୀ ସିଂହ, ବିନୋଦିନୀ ମହାନ୍ତି, ସସ୍ମିତା ସାମଲ, ସଞ୍ଜୁକ୍ତା ମହାନ୍ତି ପ୍ରମୁଖ ତହସିଲଦାର, ପୋଲିସ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଠାଇଛନ୍ତି। କୌଣସି ଅଧିକାରୀ ନ ଆସିବାରୁ ମହିଳାମାନେ ବାଧ ହୋଇ ଅପରାହ୍ନ ୨ ଟାରେ ଧାରଣାରୁ ଓହରି ଯାଇଥିଲେ। ପ୍ରସ୍ତାବିତ ମଦ ଦୋକାନ ଖୋଲା ଗଲେ ମହିଳାମାନେ ଆମରଣ ଅନଶନ କରିବାକୁ ବାଧ ହେବେ ବୋଲି ଚେତାଇ ଦେଇଛନ୍ତି।

## ସାଗରଙ୍କୁ କାବୁକଲା ପୋଲିସ

ବାଲିକୁଦା,୩।୫(ସ୍ୱ.ପ୍ର.)

ବାଲିକୁଦା ଥାନା ଅଞ୍ଚଳରେ ବିଭିନ୍ନ ଆପରାଧିକ ମାମଲାରେ ଅଭିଯୁକ୍ତ ଥିବା ସାଗର ମଲ୍ଲିକଙ୍କୁ ସୋମବାର ପୋଲିସ କାବୁ କରିଛି। କିଛିଦିନ ତଳେ ସେ ଜେଲରୁ ଜାମିନରେ ଆସିବା ପରେ ପୁଣି ଆପରାଧିକ ଘଟଣା ଘଟାଇବାକୁ ଯୋଜନା କରୁଥିଲେ। ରବିବାର ସନ୍ଧ୍ୟାରେ ସେ ନୂଆଗାଁସ୍ଥିତ କରକେଇ ହାଟରେ ଜଣେ ଯୁବ ବ୍ୟବସାୟୀଙ୍କ ଗାଡ଼ି ଅଟକାଇ ଗାଳିଗୁଲଜ କରିଥିଲେ। ଏହି ସମୟରେ ତାଙ୍କ ସାଙ୍ଗରେ ଥିବା ଦୁଇ ସହଯୋଗୀ ପିସ୍ତଲ ବାହାର କରି ସମ୍ପୃକ୍ତ ବ୍ୟବସାୟୀଙ୍କୁ ଧମକ ଦେଇଥିଲେ। ଏ ନେଇ ବ୍ୟବସାୟୀ ଜଣକ ଥାନାରେ ଅଭଯୋଗ କରିବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ କରିଥିଲା। ଅଳିକଣ୍ଟା ଗାଁରେ ସାଗର ଆତ୍ମଗୋପନ କରିଥିବା ସୂଚନାପାଇ ଏସ୍‌ଆଇ ଚିରିଞ୍ଜୀବୀ ବେହେରା ସଦଳବଳେ ସେଠାରେ ଚଢାଉ କରିଥିଲେ। ସେ ଖସି ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା।

## ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ

ଜଗତ୍‌ସିଂହପୁର ଅଫିସ, ୩।୫



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

- କୋଭିଡ୍ ପରିଚାଳନା ଓ ଲକ୍‌ଡାଉନ୍ କଡ଼ାକଡି ଉପରେ ସମୀକ୍ଷା
- ପ୍ରତି ବ୍ଲକରେ ୨ଟି ଆମ୍ବୁଲାନ୍ସ ପ୍ରସ୍ତୁତ ରଖ
- ପାରାଦୀପ କୋଭିଡ୍ ହସ୍ପିଟାଲରେ ପାଇପଲାଇନ୍‌ରେ ଅମ୍ଳଜାନ ଯୋଗାଣ ହେବ

କରୋନା ସଂକ୍ରମଣ ଦିନକୁ ଦିନ ବଢୁଥିବାରୁ ରାଜ୍ୟରେ ମେ ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ କରାଯିବ। ଏହାକୁ କଡ଼ାକଡି ଭାବେ ପାଳନ କରିବା ପାଇଁ ଜଗତ୍‌ସିଂହପୁର ଜିଲାରେ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହିବା ଗୁରୁତ୍ୱପୂର୍ଣ୍ଣ। ଏନେଇ ଜିଲାର ସମସ୍ତ ବିଡିଓ, ତହସିଲଦାର ଓ ଡାକ୍ତର ଏକାଠି କାମ କରିବା ଆବଶ୍ୟକ। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସ୍‌ୱାନ ଭିସି ରୁମ୍‌ରେ ଜିଲାରେ କୋଭିଡ୍ ପରିଚାଳନା ଓ ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଛନ୍ତି। ସେ କହିଥିଲେ, ବିଡିଓ, ପୌରନିର୍ବାହୀ ଅଧିକାରୀମାନେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରିବାକୁ ପଦକ୍ଷେପ ନେବେ। ପ୍ରତ୍ୟେକ ବ୍ଲକରେ ୨ଟି ଆମ୍ବୁଲାନ୍ସ ପ୍ରସ୍ତୁତ ହୋଇରହିବ। ର୍‌ୟାପିଡ୍ ରେସପନ୍ସ ଟିମ୍ ଗଠନ ସହ ପଞ୍ଚାୟତ ପ୍ରତିନିଧିଙ୍କୁ ସଚେତନ କରାଇବା ଓ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟମାନେ କୋଭିଡ୍ ପଜିଟିଭ୍ ରୋଗୀଙ୍କ ଚିକିତ୍ସା ସମ୍ବନ୍ଧୀୟ ଷ୍ଟାଟସ୍ ରିପୋର୍ଟ ସେମାନଙ୍କ ସମ୍ପର୍କୀୟଙ୍କୁ ଜଣାଇବା ଜରୁରୀ। କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର ସେଣ୍ଟରରେ ସ୍ୱାସ୍ଥ୍ୟକର ପରିବେଶ, ଶୁଦ୍ଧ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ଅମ୍ଳଜାନ ମହଜୁତ ରଖିବା ଆବଶ୍ୟକ। ମେ'୨୫ ତାରିଖ ସୁଦ୍ଧା ପାରାଦୀପ କୋଭିଡ୍ ହସ୍ପିଟାଲରେ ପାଇପଲାଇନ୍ ମାଧ୍ୟମରେ ଅମ୍ଳଜାନ ଯୋଗାଣ କରାଯିବ। ପିପିଏଲ୍ ଅମ୍ଳଜାନ ପ୍ଲାଣ୍ଟ ମାଧ୍ୟମରେ ପ୍ରତି ଶଯ୍ୟାକୁ ଅମ୍ଳଜନା ଯୋଗାଇବା ପାଇଁ ବ୍ୟବସ୍ଥା ହେବ। କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ହସ୍ପିଟାଲ ଭିତରକୁ ଛଡ଼ାଯିବ ନାହିଁ। ରୋଗୀଙ୍କଠାରୁ ମୋ'ସରକାର ଦ୍ୱାରା ଅଭିମତ ସଂଗ୍ରହ କରାଯିବ। ମୃତଦେହକୁ ଉପେକ୍ଷା କରାଯିବ ନାହିଁ। ଅଗ୍ନିଶମବାହିନୀ ଦ୍ୱାରା ଅଗ୍ନି ନିରାପତ୍ତାକୁ ସୁନିଶ୍ଚିତ କରାଯିବ। ଏଥିସହ ଜିଲାପାଳ କହିଥିଲେ, ସରକାରୀ କାର୍ଯ୍ୟାଳୟଗୁଡିକରେ ସର୍ବସାଧାରଣ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଲୋକେ ଜନସହଯୋଗ ପୋର୍ଟାଲ, ଇ-ଅଭିଯୋଗ ପୋର୍ଟାଲ ମାଧ୍ୟମରେ ସେମାନଙ୍କ ଅଭିଯୋଗ ପଠାଇ ପାରିବେ। କୋଭିଡ୍ ମୃତବ୍ୟକ୍ତିଙ୍କ ଦାହ ପାଇଁ ବିଡିଓମାନେ ଟିମ୍ ଗଠନ କରିବେ। ସେମାନଙ୍କୁ ପ୍ରାପ୍ୟ ବାବଦରେ ୭,୫୦୦ ଟଙ୍କା ପ୍ରଦାନ କରାଯିବ। ସମସ୍ତ ତହସିଲଦାରମାନେ ମାସ୍କ ଚେକିଂ କରି ଅମାନିଆଙ୍କଠାରୁ ଜରିମାନା ଆଦାୟ କରିବେ। ୬୫ରୁ ଅଧିକ ବୟସର ବ୍ୟକ୍ତି, ଗର୍ଭବତୀ ମହିଳା, ୧୦ ବର୍ଷରୁ କମ ଶିଶୁଙ୍କୁ ଘରୁ ନ ବାହାରିବା ପାଇଁ ସଚେତନ କରିବାକୁ ପଡିବ। ଶନିବାର ଓ ରବିବାର ସପ୍ତାହାନ୍ତ ସଟ୍‌ଡାଉନ୍ ବଳବତ୍ତର ରହିବ। ଲକ୍‌ଡାଉନ୍ ସମୟରେ ଦେଶୀ, ବିଦେଶୀ ମଦ ଦୋକାନ ମଧ ବନ୍ଦ ରଖିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଏଡିଏମ୍‌ଓ, ତହସିଲଦାର, ବିଡିଓ, ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜନଗର ବଜାରରେ ଜନଗହଳି

ରାଜନଗର,୩।୫(ଡି.ଏନ.ଏ.)

ରାଜନଗରରେ କୋଭିଡ୍ ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ସୋମବାର ସୁଦ୍ଧା ଦ୍ୱିତୀୟ ଲହରରେ ବ୍ଲକରେ କରୋନା ପଜିଟିଭ ସଂଖ୍ୟା ୧୫୨ରେ ପହଞ୍ଚିଛି। ଆସନ୍ତା ୫ ତାରିଖରୁ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଯାଏ ଖୋଲାରହିବ। ସରକାରଙ୍କ ଏହି ଘୋଷଣା ପରେ ସୋମବାର ରାଜନଗରରେ ସାପ୍ତାହିକ ହାଟ ଥିବାରୁ ଲୋକଙ୍କ ପ୍ରବଳ ଗହଳି ଯୋଗୁ ଭିତରକୁ ପଶି ହେଉ ନ ଥିଲା। ଲୋକେ ସାମାଜିକ ଦୂରତା ମାନୁ ନ ଥିବାବେଳେ ଅଧିକାଂଶ ମାସ୍କ ପିନ୍ଧି ନ ଥିଲେ। ରାଜନଗର ଷ୍ଟେଟ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ଭିତରକୁ ଅଳ୍ପ ସଂଖ୍ୟକ ଗ୍ରାହକଙ୍କୁ ଛଡ଼ା ଯାଉଥିଲା। ବ୍ୟାଙ୍କକୁ ବିଭିନ୍ନ କାମରେ ଆସିଥିବା ଲୋକେ ବ୍ୟାଙ୍କ ସମ୍ମୁଖରେ ଭିଡ ଜମାଇ ଥିଲେ। ଲକ୍‌ଡାଉନକୁ କଡାକଡି କରିବାକୁ ସୋମବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜ ଓ ଏସ୍‌ପି ମଡକର ସନ୍ଦିପ ସମ୍ପତ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ କାର୍ଯ୍ୟାଳୟରେ ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଭୋଳାନାଥ ସେଠୀ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ରାଜନଗର ଥାନା, ତାଳଚୁଆ ସାମୁଦ୍ରିକ ଥାନା ଓ ତନ୍ତିଆପାଳ ସାମୁଦ୍ରିକ ଥାନା ଆଇଆଇସି ପ୍ରମୁଖ ଯୋଗ ଦେଇଥିଲେ। ଲକ୍‌ଡାଉନକୁ କଡାକଡି କରାଯିବା ସହ ଅମାନିଆଙ୍କଠାରୁ ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ପରୀକ୍ଷା ସହ ଟିକାକରଣ କାର୍ଯ୍ୟକ୍ରମ ଚାଲିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଶତାଧିକ ରୋଗୀ ଆସୁଛନ୍ତି। ଗୋଟିଏ ସ୍ଥାନରେ ଟିକାକରଣ ଓ କରୋନା ପରୀକ୍ଷା ହେଉଥିବାରୁ ଭିଡ ଜମୁଛି। ଭିଡକୁ କମାଇବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବଭଳି କରୋନା ପରୀକ୍ଷା କରାଯିବ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ରାଜନଗର ହାଇସ୍କୁଲରେ ଟିକାକରଣ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଛି।


ରାଜନଗର ହାଟରେ ଲୋକଙ୍କ ଗହଳି।

## କୋଭିଡ୍ କଟକଣା ଉଲ୍ଲଂଘନ, ୨ ଦୋକାନ ସିଲ୍

ଦିଗପହଣ୍ଡି, (ଡି.ଏନ.ଏ.)- ଦିଗପହଣ୍ଡିରେ କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ରବିବାର ପ୍ରଶାସନ ପକ୍ଷରୁ ୨ଟି ଦୋକାନ ସିଲ୍ କରାଯାଇଛି। ବର୍ତ୍ତମାନ ସାରା ରାଜ୍ୟରେ କରୋନା ସଂକ୍ରମଣ ପାଉଥିବାରୁ ଦୁଇଦିନିଆ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ଶଟ୍‌ଡାଉନ ଜାରି ରହିଥିଲେ ମଧ ଦିଗପହଣ୍ଡି ବସଷ୍ଟାଣ୍ଡ ନିକଟରେ ରହିଥିବା ଏକ ସେଲୁନ ମାଲିକ ସମସ୍ତ କଟକଣା ନିୟମକୁ ଅମାନ୍ୟ କରି ଦୋକାନ ଖୋଲିଥିଲେ। ସେହିପରି ଖେମୁଣ୍ଡି ମହାବିଦ୍ୟାଳୟ ସମ୍ମୁଖରେ ରହିଥିବା ଏକ ଷ୍ଟେସ୍‌ନେରୀ ଦୋକାନ ମଧ ଖୋଲା ରହିଥିଲା। ଦିଗପହଣ୍ଡି ତହସିଲଦାର ଅଦୈତ କୁମାର ସ୍ୱାଇଁଙ୍କ ସମେତ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା, ରେଭେନ୍ୟୁ ସୁପରଭାଇଜର ସତ୍ୟନାରାୟଣ ପାଣିଗ୍ରାହୀଙ୍କ ସମେତ କର୍ମଚାରୀ ଉପସ୍ଥିତ ରହି ଉକ୍ତ ଦୁଇଟି ଦୋକାନକୁ ସିଲ୍ କରିବା ସହ ଜରିମାନା ଆଦାୟ କରିଥିଲେ।

## ସଂକ୍ଷେପରେ

### ଗଣମାଧ୍ୟମ ପ୍ରତିନିଧି ନେଲେ ଟିକା

**ପାରଳାଖେମୁଣ୍ଡି,୩।୫(ଡି.ଏନ୍.ଏ.):** ଗଜପତି ଜିଲାର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କୋଭିଡ୍ ଟିକା ଦେବା ପାଇଁ ଜିଲାପାଳ ଅନୁପମ ସାହାଙ୍କ ନିର୍ଦ୍ଦେଶକ୍ରମେ ସୋମବାର ନୂତନ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ବ୍ୟବସ୍ଥା କରାଯାଇଥିଲା। ଜିଲାର ପ୍ରାୟ ୩୦ ଜଣ ଗଣମାଧ୍ୟମ ପ୍ରତିନିଧି ଟିକା ନେଇଥିଲେ। ଜିଲା ଚିକିତ୍ସାଳୟ ପକ୍ଷରୁ ଏଡିଏମଓ ଏମ.ଏସ ମୁନୀର ଓ ଡେପୁଟି ଏଡିଏମଓ ସୁଶାନ୍ତ ନାୟକଙ୍କ ସହ ଦୁଇ ଜଣ ଷ୍ଟାଫନର୍ସ ଟିକାକରଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଭାକର ତ୍ରିପାଠୀ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଟିକାକରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବଜ୍ରପାତରେ ଯୁବକ ମୃତ

**ଚିକିଟି,୩।୫(ଡି.ଏନ.ଏ.):** ଚିକିଟି ବ୍ଲକ ଲାଲମେଣ୍ଟା ପଞ୍ଚାୟତ ବୀରସିଂହପୁର ଗ୍ରାମର ଜଣେ ଯୁବକଙ୍କ ସୋମବାର ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ହେଲେ କେ. ଅଶୋକ (୨୬)। ଅଶୋକ ଅପରାହ୍ନରେ ଉକ୍ତ ଗ୍ରାମ ନିକଟସ୍ଥ ଏକ ଜମିକୁ ଯାଇଥିଲେ। ସେଠାରେ କାମ କରୁଥିବା ସମୟରେ ହଠାତ୍ ଘଡ଼ଘଡ଼ି ସହ ବର୍ଷା ହେବା ଫଳରେ ସେ ଅଚେତ ହୋଇ ପଡ଼ିଥିଲେ। ଗ୍ରାମବାସୀ ତାଙ୍କୁ ନୂଆପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଚିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ପହଞ୍ଚି ମୃତଦେହ ଜବତ କରି ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି କହିଛନ୍ତି।

### ଫେରାର ଅଟୋ ଚାଳକ କୋର୍ଟ ଚାଲାଣ

**ଦିଗପହଣ୍ଡି,୩।୫(ଡି.ଏନ୍.ଏ.):** ଦିଗପହଣ୍ଡି ପୋଲିସ ସୋମବାର କଇଠଖଣ୍ଡି ଗ୍ରାମର ଅଟୋ ଚାଳକ ସୁଦାମ ବେହେରାଙ୍କୁ ମାମଲା ନଂ.୮୧/୨୧ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଗତ ୯ ତାରିଖରେ ଦିଗପହଣ୍ଡି - ଆସିକା ମୁଖ୍ୟରାସ୍ତାର ଅଞ୍ଚଳେଶ୍ୱରୀ ମନ୍ଦିର କବିରାଜ ପୋଖରୀ ନିକଟରେ ଡାଲା ଅଟୋ (ନଂ. ଓଆର ୦୭ - ଏ ଜି ୨୬୭୮) ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡ଼ିବାରୁ ୮ ଜଣ ଶ୍ରମିକଙ୍କ ସମେତ ଅଟୋ ଚାଳକ ସୁଦାମ ଗୁରୁତର ଆହାତ ହୋଇଥିଲେ। ସମସ୍ତ ଆହାତଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର କଇଠଖଣ୍ଡି ଗ୍ରାମ ବଳି ସାହିର ଶ୍ରମିକ କୁରା ବେହେରାଙ୍କୁ ମୃତ ଘୋଷଣା କରିଥିଲେ। କୁରାଙ୍କ ପୁଅ ଲିଟୁଙ୍କ ଏତଲାକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ଅଟୋ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗିରଫ ଭୟରେ ସେ ଗାଁରୁ ଫେରାର ଥିଲେ। ତଦନ୍ତକାରୀ ଅଧିକାରୀ ଏସଆଇ ବଳଭଦ୍ର ଗଣ୍ଡ ସୋମବାର ସକାଳେ ସୁଦାମଙ୍କୁ ଗିରଫ କରି କରୋନା ପରୀକ୍ଷା କରାଇବା ପରେ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

### ଗୃହପାଳିତ ପ୍ରାଣୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ

**ଖଜୁରିପଡ଼ା,୩।୫(ଡି.ଏନ୍.ଏ.):** ଫୁଲବାଣୀ ବନ ବିଭାଗ ଡିଭିଜନ ଖଜୁରିପଡ଼ା ବ୍ଲକ ଅଧୀନ ସୁଡ୍ରୁକୁମ୍ପା ବନାଞ୍ଚଳ ଓ ଫରେଷ୍ଟ କ୍ଲଥ ଷ୍ଟୋର ଏରିଆ ସୁଡ୍ରେଜୁ ପଞ୍ଚାୟତର ସିଡିକାପଙ୍ଗା (ଭିଏସ୍‌ଏସ୍)ଠାରେ ଶୁକ୍ରବାର ବନ ବିଭାଗର କାର୍ଯ୍ୟରତ ସ୍ଥାନୀୟ ବନପାଳ ମହେନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଗୃହପାଳିତ ପ୍ରାଣୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ବଳଦ, ଗାଈ, ମଇଁଷି, ଛେଳିଙ୍କୁ ଏହି ଟିକାକରଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସୁଡ୍ରୁକୁମ୍ପା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରର ଚିକିତ୍ସା ଅଧିକାରୀ ଲଳିତ ମହନ ଗଣ୍ଡା ଓ ସହକର୍ମୀ ସୀମାଞ୍ଚଳ ବେହେରା ସୂଚାରୁରୂପେ ତୁଲାଇଥିବା ବେଳେ ସ୍ଥାନୀୟ କମିଟି ସହଯୋଗ କରିଥିଲେ। ବନ ବିଭାଗ ପକ୍ଷରୁ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ପ୍ରତି ଫରେଷ୍ଟ କ୍ଲଥଷ୍ଟୋର ଏରିଆରରେ ହେବା ନିୟମ ରହିଥିବା ବେଳ ସୁଡ୍ରୁକୁମ୍ପା ବନାଞ୍ଚଳ ଅଧୀନରେ ୩ଟି ଫରେଷ୍ଟ କ୍ଲଥ ଷ୍ଟୋର ଏରିଆ ରହିଛି। ସେଗୁଡିକ ହେଲା ରାଣୀପଥର, ସୁଡ୍ରେଜୁ ଓ ବାନାରଦେଇ। ଏଥିମଧରେ ରହିଛି ୨୦ ବନ ସରଣକ୍ଷଣ କମିଟି। କିନ୍ତୁ ରାଣୀପଥର ଫରେଷ୍ଟ କ୍ଲଥ ଷ୍ଟୋର ଏରିଆର କାର୍ଯ୍ୟରତ ବନପାଳ ରଞ୍ଜିତ କୁମାର ଆପୋତ କୌଣସିଠାରେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ କରାଇନାହାନ୍ତି ବୋଲି ଲୋକେ କହୁଛନ୍ତି। ବର୍ତ୍ତମାନ ଏହି ଟିକାକରଣ କାର୍ଯ୍ୟକ୍ରମ ପ୍ରତି (ଭିଏସ୍‌ଏସ୍)ରେ କରିବାକୁ ଦାବି ଉଠୁଛି।

# ଲକ୍‌ଡାଉନ୍ କଡ଼ାକଡ଼ି ପାଳନ ନିର୍ଦ୍ଦେଶ

**ଛତ୍ରପୁର,୩।୫(ଡି.ଏନ୍.ଏ.)**


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

- ଜରୁରୀ ନ ଥିଲେ ଘରୁ ବାହାରନ୍ତୁନି
- ବାଇକ୍‌ରେ ଜଣଙ୍କୁ ଅନୁମତି

ରାଜ୍ୟରେ ବୁଧବାରଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଲାଗୁ ହେବ। ଗଞ୍ଜାମ ଜିଲାରେ ଲକ୍‌ଡାଉନ କଡାକଡ଼ି କରିବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ସୋମବାର ଭିଡିଓ କନଫରେନ୍ସରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲକ୍‌ଡାଉନ ସମୟରେ ଜନସାଧାରଣ ଅତି ଜରୁରୀ ନ ହେଲେ ଘରୁ ବାହାରିବେ ନାହିଁ । ଯେଉଁମାନେ ବାହାରିବେ ସେମାନେ କାରଣ ଦର୍ଶାଇବେ। ବସ ଚଳାଚଳଠାରୁ ଆରମ୍ଭ କରି ସବୁ ଯାତାୟାତ ବାରଣ କରାଯାଇଛି। ଦୁଇଚକିଆ ଯାନରେ କେବଳ ଜଣେ ବ୍ୟକ୍ତ ଯିବାକୁ ଅନୁମତି ଦିଆଯାଇଛି। ଲକ୍‌ଡାଉନ୍‌ରେ ଟିକାକରଣ ଏବଂ କୋଭିଡ ଟେଷ୍ଟ କାର୍ଯ୍ୟ ବନ୍ଦ ହେବ ନାହିଁ । ଗହଳି କରନ୍ତୁ ନାହିଁ କି ଗହଳି ସ୍ଥାନକୁ ନ ଯିବାକୁ ଲୋକଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି । ମେଡିକାଲ କାର୍ଯ୍ୟ ବ୍ୟତୀତ ଅନ୍ୟ ସମସ୍ତ ବନ୍ଦ ରହିବ। ପ୍ରତ୍ୟେହ ସକାଳ ୬ରୁ ମଧାହ୍ନ ୧୨ ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ, ତେଜରାତି, ମାଛ, ମାଂସ, ପନିପରିବା ଦୋକାନ ଖୋଲା ରହିବ। ତେବେ ପଞ୍ଚସୂତ୍ର ନିୟମକୁ ପାଳନ କରା ନଗଲେ ଦୋକାନ ବନ୍ଦ କରିଦିଆଯିବ। ସାପ୍ତାହିକ ହାଟ ବନ୍ଦ ରହିବ। ସାପ୍ତାହାନ୍ତ ଶଟ୍‌ଡାଉନ ମଧ କଡାକଡି ପାଳନ ହେବ । ଶନିବାର, ରବିବାର କେବଳ ମେଡିକାଲ ବ୍ୟତୀତ ସବୁ ସମ୍ପୂର୍ଣ୍ଣ ବନ୍ଦ ରହିବ । ଦୋକାନ ବଜାର ବନ୍ଦ କରି ଠେଲାଗାଡିରେ ବିକ୍ରିବଟାକୁ, ଅନ୍‌ଲାଇନ କାରବାରକୁ ପ୍ରୋତ୍ସାହିତ କରିବାକୁ ଜିଲାପାଳ ସମସ୍ତ ଅଧିକାରୀଙ୍କୁ ଜଣାଇଥିଲେ । ଖବରକାଗଜ ସକାଳ ୫ରୁ ୮ଟା ମଧରେ ବିକ୍ରି ଓ ଲୋକଙ୍କ ଘରେ ପହଞ୍ଚାଇବାକୁ ଅନୁମତି ମିଳିଛି। ଉନ୍ନୟନକାର୍ଯ୍ୟ, କୋଠା ନିର୍ମାଣ କାର୍ଯ୍ୟ, କୃଷି କାର୍ଯ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ କାମ ବନ୍ଦ ହେବ ନାହିଁ । ଖେଳ ପଡିଆରେ ଖେଳିବା ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଗ୍ରାମରେ ଏକାଠି ହୋଇ ତାସ ଖେଳୁଥିବା ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପରିବା ଓ ମାଛ ବ୍ୟବସାୟୀ ବିକେନ୍ଦ୍ରୀକରଣ କରି ବ୍ୟବସାୟ କରିବାକୁ କୁହାଯାଇଛି । କରୋନା ସଂକ୍ରମିତ ବ୍ୟକ୍ତିଙ୍କୁ ସିଏଚସି ଓ ପିଏଚସିରେ ରଖାଯିବ। ରୋଗୀଙ୍କୁ କେଉଁଆଡ଼େ ସ୍ଥାନାନ୍ତର କରି ଚିକିତ୍ସା କରାଯିବ ତାହା ଡାକ୍ତରମାନେ ପରାମର୍ଶ କରି ଚିକିତ୍ସା କରିବାକୁ କୁହାଯାଇଛି ।

## କୋରପିଠା ମାଇକ୍ରୋ କଣ୍ଟେନମେଣ୍ଟ ଜୋନ

**ନୟାଗଡ଼ ଅଫିସ,୩।୫**

**ଜିଲାରେ ୧୯୪ କରୋନା ପଜିଟିଭ୍**

ନୟାଗଡ଼ ଜିଲାରେ କରୋନା ବେକାବୁ ହେବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ଜୀବନ ଦୀପ ଲିଭି ଯାଉଛି। ଏଥିରେ ବେଗୁନିଆପଟଣାର ଏକ ଦମ୍ପତି, ଇଟମାଟିର ଜଣେ ଯୁବକଙ୍କ ମୃତ୍ୟୁ କୋଭିଡ୍‌ରେ ହୋଇ ସାରିଛି। ଅନ୍ୟପକ୍ଷେ ଜିଲାରେ ୬୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇ ସାରିଲାଣି। ତେବେ ଏମାନଙ୍କ ନାଁ ସରକାରୀ ରେକର୍ଡରେ ନାହିଁ। କରୋନାର ଦ୍ୱିତୀୟ ଲହରରେ ସୋମବାର ରିପୋର୍ଟରେ ନୟାଗଡ଼ ଜିଲାରେ ୧୯୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଭଳିସ୍ଥଳେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧,୮୨୧ରେ ପହଞ୍ଚିଛି। ପ୍ରକାଶଥାଉ କି ରବିବାର ରିପୋର୍ଟରେ ଭାପୁର ବ୍ଲକରେ ୮, ଦଶପଲ୍ଲାରେ ୮, ଗଣିଆରେ ୩, ଖଣ୍ଡପଡାରେ ୨୨, ନୟାଗଡରେ ୩୪, ନୂଆଗାଁରେ ୧୬, ଓଡଗାଁରେ ୩୦, ରଣପୁର ବ୍ଲକରେ ୩୩, ନୟାଗଡ ମ୍ୟୁନିସିପାଲିଟିରେ ୪୦ଜଣ ଅଛନ୍ତି। ଓଡଗାଁ ତହସିଲ ଓଡଗାଁ ଥାନାର କୋରପିଠା ଗାଁକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ସୋମବାର ରାତି ୮ଟାରୁ ଏହି କଟକଣା ଓଡଗାଁ ତହସିଲଦାର ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଲାଗୁ କରିଛନ୍ତି।

## ଗଜପତିରେ ଦିନକରେ ୧୬୪ ପଜିଟିଭ

**ପାରଳାଖେମୁଣ୍ଡି,୩।୫(ଡି.ଏନ୍.ଏ.)**

ଗଜପତି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏଭଳି ରାଜ୍ୟ ସରକାର ସଂକ୍ରମଣ ଚେନ୍ ଭାଙ୍ଗିବାକୁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ହେଲେ ପଡୋଶୀ ଆନ୍ଧ୍ରପ୍ରଦେଶରେ ସେଭଳି କୌଣସି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରି ନ ଥିବାରୁ ସୀମାନ୍ତରେ ଥିବା ଏହି ଜିଲା ପାଇଁ ଚିନ୍ତାର କାରଣ ହୋଇଛି । ଜିଲାରେ ଆଉ ୧୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୋମବାର ସୂଚନା ଦିଆଯାଇଛି ସେଥିମଧ୍ୟରୁ ପାରାଳାଖେମୁଣ୍ଡିର ସର୍ବାଧିକ ୯୭ ଜଣ ଥିବା ବେଳେ ଗୋଷାଣ ବ୍ଲକର ୧୭, ଗୁମ୍ମା ବ୍ଲକର ୬, କାଶୀନଗର ବ୍ଲକର ୨୦, ମୋହନାର ୬, ନୂଆଗଡର ୫, ରାୟଗଡର ୬, ଆର୍. ଉଦୟଗିରିର ୨, ମାଲକାନଗିରି ଜିଲାରୁ ଆସିଥିବା ୪ ଜଣ ଓ ଆନ୍ଧ୍ରପ୍ରଦେଶରୁ ୨ ଜଣ ଅଛନ୍ତି। ଅନ୍ୟପଟେ ରାଜ୍ୟରେ ବୁଧବାରଠାରୁ ୧୪ ଦିନ ଲକ୍‌ଡାଉନ ଘୋଷଣା ହେବା ପରେ ପାରଳାଖେମୁଣ୍ଡି ମୁଖ୍ୟ ବଜାରରେ ବିଭିନ୍ନ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ଲୋକଙ୍କ ଗହଳି ଲାଗିଛି । ପୋଲିସ ପକ୍ଷରୁ ଲୋକଙ୍କୁ ବୁଝାଶୁଝା କରି ଗହଳି ନ କରିବାକୁ ନିବେଦନ କରାଯାଉଛି।

## କରୋନା ଭୟ: ଶ୍ମଶାନରେ ଅନ୍ତିମ ସତ୍କାରକୁ ବିରୋଧ

**ଭଞ୍ଜନଗର,୩।୫(ଡି.ଏନ.ଏ)**

**ପ୍ରଶାସନର ହସ୍ତକ୍ଷେପ ଦାବି**

ବର୍ତ୍ତମାନ ସମୟରେ କାହାରି ସ୍ୱାଭାବିକ ମୃତ୍ୟୁ ଘଟିଲେ ବି ଲୋକେ କରୋନାରେ ଜୀବନ ଯାଇଥିବା ସନ୍ଦେହ କରୁଛନ୍ତି। ତେଣୁ ଶ୍ମଶାନ ଘାଟରେ ମୃତଦେହକୁ ସତ୍କାରକୁ ବିରୋଧ କରୁଥିବା ଦେଖାଯାଉଛି। ଏଭଳି ଏକ ଅପ୍ରୀତିକର ଘଟଣା ଭଞ୍ଜନଗର ସହର ଠାକୁରାଣୀ ମନ୍ଦିର ନିକଟସ୍ଥ ଶ୍ମଶାନ ଘାଟରେ ସୋମବାର ଘଟିଥିଲା। ମୃତଦେହ ସତ୍କାରକୁ ବିରୋଧ କରାଯିବାରୁ ଅନ୍ୟତ୍ର ନିଆଯାଇଥିଲା।

ସ୍ଥାନୀୟ ରେଡକ୍ରସ ରୋଡ୍‌ର ଭୁବନେଶ୍ୱର ପଟ୍ଟନାୟକ (୭୦)ଙ୍କ ସୋମବାର ସକାଳେ ହୃଦ୍‌ଘାତ ହୋଇଥିଲା। ପରିବାର ଲୋକେ ତାଙ୍କୁ ସ୍ଥାନୀୟ ମେଡ଼ିକାଲକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହକୁ ମହାପ୍ରୟାଣ ଗାଡ଼ିରେ ଠାକୁରାଣୀ ମନ୍ଦିର ନିକଟ ଶ୍ମଶାନ ଘାଟକୁ ଅଣାଯାଇ ସତ୍କାର ପାଇଁ ପ୍ରସ୍ତୁତି ଚାଲିଥିଲା। ଏହି ସମୟରେ ସମ୍ପୃକ୍ତ ଅଞ୍ଚଳର କେତେଜଣ ଲୋକ ପହଞ୍ଚି ଏଠାରେ ସତ୍କାର ନ କରିବାକୁ କହିଥିଲେ। ସେମାନଙ୍କ ଅଭିଯୋଗ ଯେ, କରୋନାରେ କାହାରି କେଉଁଠି ଜୀବନ ଗଲେ ଏଠାକୁ ଆଣି ଦାହ କରାଯାଉଥିବାରୁ ଅଞ୍ଚଳରେ ସଂକ୍ରମଣ ବ୍ୟାପିବା ଆଶଂକା ରହୁଛି। ଏପରି ବିରୋଧ କରାଯିବାରୁ ମୃତଦେହକୁ ଅନ୍ୟ ଏକ ଗାଡ଼ିରେ ୩ ହଜାର ଟଙ୍କା ଭଡ଼ା କରି ଜାମପଲ୍ଲୀ ଶ୍ମଶାନ ଘାଟକୁ ନିଆଯାଇଥିଲା। ଅପରାହ୍ନରେ ମୃତଦେହ ସତ୍କାର ହୋଇଥିବା ସ୍ୱେଚ୍ଛାସେବୀ ମନୋଜ ପାଣିଗ୍ରାହୀ କହିଛନ୍ତି । ଏନେଇ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ।

## କୋଭିଡ୍ ନିୟମ ମାନୁନାହାନ୍ତି ପ୍ରବାସୀ

**ଗୋପାଳପୁର,୩।୫**

ରଙ୍ଗେଇଲୁଣ୍ଡା ବ୍ଲକକୁ ରବିବାର ସୁଦ୍ଧା ୧୩୩୦ ଜଣ ପ୍ରବାସୀ ଫେରିଥିବା ବେଳେ ସେଥିରୁ ୭୫୪ ଜଣ ହୋମ୍ ଆଇସୋଲେଶନରେ ରହିଛନ୍ତି। ହେଲେ ସେମାନେ କୋଭିଡ୍ ନିୟମ ମାନୁ ନ ଥିବା ଜଣାପଡ଼ିଛି। ଏନେଇ ସୋମବାର ମନ୍ତ୍ରିଡ଼ି ସରପଞ୍ଚ ପ୍ରଶାନ୍ତ ଦାସ ନିଜେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘରେ ରହିବାକୁ ସଚେତନ କରିଥିଲେ। କରୋନା ପ୍ରଥମ ଲହରରେ ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଲହରରେ ଏହି କ୍ଷମତା ମିଳି ନ ଥିବାରୁ ସରପଞ୍ଚମାନେ ଗୁରୁତ୍ୱ ଦେଉ ନ ଥିବା ପୂର୍ବତନ ଜିଲା ପରିଷଦ ଏନ୍.ଡମ୍ବରୁ ରେଡ୍ଡୀ ପ୍ରକାଶ କରିଛନ୍ତି। ବର୍ତ୍ତମାନ ପ୍ରବାସୀମାନେ ରାଶନ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ବାହାରକୁ ଯାଉଛନ୍ତି। ଏଥିପ୍ରତି ପ୍ରଶାସନ କୌଣସି ବ୍ୟବସ୍ଥା କରିବା ସହ ସରପଞ୍ଚ ଏହାର ତଦାରଖ କରି ଜିନିଷ ଘରେ ପହଞ୍ଚାଇବା ବ୍ୟବସ୍ଥା କଲେ ହୋମ୍ ଆଇସୋଲେଶନ କାର୍ଯ୍ୟକାରୀ ହୋଇପାରିବ ବୋଲି ଜିଲା ପରିଷଦ ସଭ୍ୟ ବିନୋଦ ମିଶ୍ର ପ୍ରକାଶ କରିଛନ୍ତି।

## କରୋନା ରୋଗୀ ସଂଖ୍ୟା ୨୭

**ଶେରଗଡ଼,୩।୫(ଡି.ଏନ.ଏ.)**

ଶେରଗଡ଼ ବ୍ଲକରେ କରୋନା ରୋଗୀଙ୍କ ସଂଖ୍ୟା ୨୭ରେ ପହଞ୍ଚିଛି। ସେଥିରୁ ୧୭ ଜଣ ସୁସ୍ଥ ହେଲେଣି ବୋଲି ବିଡିଓ ଶମ୍ଭୁନାଥ ନନ୍ଦୀ ସୂଚନା ଦେଇଛନ୍ତି। ବ୍ଲକରେ ବିଭିନ୍ନ ପଞ୍ଚାୟତରେ ସ୍ୱାସ୍ଥ୍ୟ ପରୀକ୍ଷା ଜାରି ରହିଥିବା ବେଳେ ୧୨୫୦ ଜଣ ଲୋକ ବିଭିନ୍ନ ରାଜ୍ୟରୁ ଫେରିଛନ୍ତି। ସେମାନଙ୍କୁ ନଜର ରଖାଯାଇହୋମ ଆଇସୋଲେଶନରେ ରହିବା ପାଇଁ ସଚେତନ କରାଯାଇଛି ବୋଲି ତହସିଲଦାର ଡ.ଦୟାସିନ୍ଧୁ ପରିଡା କହିଛନ୍ତି ।

## ୨ ବଖରା ଜଳିଗଲା



ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଘର।

**ଖଜୁରିପଡ଼ା/ବଲସକୁମ୍ପା, ୩।୫ (ଡି.ଏନ.ଏ.)**

ଖଜୁରିପଡ଼ା ଥାନା ବାରିହାଗୁଡ଼ା ଗ୍ରାମରେ ରବିବାର ରାତି ପ୍ରାୟ ୧୨ଟା ବେଳେ କୌଣସି କାରଣରୁ ନିଆଁ ଲାଗି ଦୁଇ ପରିବାରର ୨ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବ ପତ୍ର ପୋଡ଼ିଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। କ୍ଷତିଗ୍ରସ୍ତମାନେ ହେଲେ ଶ୍ୟାମଘନ ବାଘ ଏବଂ କୃପାସିନ୍ଧୁ ବାଘ। ସୋମବାର ସକାଳେ ବଲସକୁମ୍ପା ରାଜସ୍ୱ ନିରୀକ୍ଷକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ, ଏଆର୍‌ଆଇ ଅଞ୍ଜଳି ରଣା ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ଏଆର୍‌ଆଇଙ୍କ ପ୍ରତିକ୍ରିୟା ନେବାରୁ କ୍ଷୟକ୍ଷତିର ଆକଳନ କରି ତହସିଲଦାରଙ୍କ ପାଖକୁ ପଠାଇଛୁ। ଯାହା ସରକାରୀ ସହାୟତା ଅସହାୟ ପରିବାରକୁ ଆସିବ ତାହା ଆମେ ପ୍ରଦାନ କରିବୁ ବୋଲି ସେ କହିଛନ୍ତି।

## ସ୍କୁଲକୁ ୫୦ ହଜାର ଦେଲେ ପୁରାତନ ଛାତ୍ର

**ଭଞ୍ଜନଗର,୩।୫(ଡି.ଏନ.ଏ.)**


ସ୍ମାର୍ଟ କ୍ଲାସ ପାଇଁ ଚେକ୍ ପ୍ରଦାନ କରାଯାଉଛି ।

ରାଜ୍ୟରେ ମୋ ସ୍କୁଲ ଅଭିଯାନ ସଫଳତାର ସହ ଚାଲିଛି । ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ୧୯୮୩ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ର ସୋମବାର ୫୦ ହଜାର ଟଙ୍କାର ଚେକ୍ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି । ଏହି ସମୟରେ ବରିଷ୍ଠ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପୁରାତନ ଛାତ୍ର ପ୍ରତିନିଧି ଡ଼.ବିନାୟକ ସାହୁ, ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଅର୍ଥ ସ୍ମାର୍ଟ କ୍ଲାସ୍ ପାଇଁ ବିନିଯୋଗ ହେବ । ରାଜ୍ୟ ସରକାର ଆଉ ଅର୍ଥ ଯୋଗାଇଦେବେ ।

## ଗଞ୍ଜାମରେ ୧୬୧୭ ସକ୍ରିୟ କରୋନା ଆକ୍ରାନ୍ତ

**ଛତ୍ରପୁର,୩।୫(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଆଉ ୨୬୨ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ୧୫୦ ଜଣ ସୁସ୍ଥ ହୋଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଏବେ ଜିଲାରେ ୧୬୧୭ ଜଣ ସକ୍ରିୟ କରୋନା ରୋଗୀ ଅଛନ୍ତି। ସମସ୍ତଙ୍କର ଚିକିତ୍ସା ଚାଲିଛି । ଜିଲାରେ ରବିବାର ୨,୧୩୪ ଜଣଙ୍କ କରୋନା ଟେଷ୍ଟ ହୋଇଥିଲା। ସେଥିରୁ ରିପୋର୍ଟ ପଜିଟିଭ ଆସିଥିବା ୨୬୨ ଜଣଙ୍କ ମଧରେ ବ୍ରହ୍ମପୁର ମହାନଗରରୁ ସର୍ବାଧିକ ୧୩୬ ଜଣ ଥିବାବେଳେ ଆସିକା, ଦିଗପହଣ୍ଡି ଓ ସାନଖେମୁଣ୍ଡିରୁ ୬ ଜଣ ଲେଖାଏ, ବେଗୁନିଆପଡାରୁ ୪, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, କବିସୂର୍ଯ୍ୟନଗର ଓ ଶେରଗଡ଼ରୁ ୩ ଜଣ ଲେଖାଏ, ଭଞ୍ଜନଗର ଓ ସୋରଡାରୁ ଜଣେ ଲେଖାଏ, ବୁଗୁଡା ଓ ପୁରୁଷୋତ୍ତମପୁରରୁ ୫ ଲେଖାଏ, ଛତ୍ରପୁର ଓ ରଙ୍ଗେଇଲୁଣ୍ଡାରୁ ୯ ଲେଖାଏ, ଚିକିଟି ଓ ପାତ୍ରପୁରରୁ ୨ ଜଣ ଲେଖାଏ, ଧରାକୋଟରୁ ୮, ହିଞ୍ଜିଳିରୁ ୧୯, କୁକୁଡାଖଣ୍ଡିରୁ ୧୫ ଏବଂ ଅନ୍ୟ ସ୍ଥାନରୁ ୭ ଜଣ ଅଛନ୍ତି।

## ବର୍ଷାଜଳରେ ଉବୁଟୁବୁ ବସ୍‌ଷ୍ଟାଣ୍ଡ, ଯାତ୍ରୀ ହନ୍ତସନ୍ତ


ଜମି ରହିଥିବା ବର୍ଷା ଜଳ

**ବୁଗୁଡ଼ା,୩।୫(ଡି.ଏନ.ଏ.)**

ସାମାନ୍ୟ ବର୍ଷାରେ ଉବୁଟୁବୁ ହେଉଛି ବୁଗୁଡ଼ା ବସ୍‌ଷ୍ଟାଣ୍ଡ। ବୁଗୁଡ଼ା ବସ୍‌ଷ୍ଟାଣ୍ଡକୁ ଚକାଚକ୍ କରିବା ପାଇଁ ଏନ୍‌ଏସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଗତ ମାସରେ ବସ୍‌ଷ୍ଟାଣ୍ଡ ପରିସରରେ ମିନି ପାର୍କ ନିର୍ମାଣ ସାଙ୍ଗକୁ ଲୋକଙ୍କ ପାଇଁ ବିଭିନ୍ନ ବ୍ୟାୟାମ ସାମଗ୍ରୀ ଖଞ୍ଜା ଯାଇଛି। ଏଥି ପୂର୍ବରୁ ମାଟି ଥିବା ସ୍ଥାନରେ ପେଭର ପକାଯାଇ ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇଥିଲେ ହେଁ ବସ୍‌ଷ୍ଟାଣ୍ଡ ଭିତରକୁ ଯିବାକୁ ହେଲେ ପାଣିରେ ଅତିକ୍ରମ କରିବାକୁ ପଡୁଛି। ସାମାନ୍ୟ ବର୍ଷାରେ ବସ୍‌ଷ୍ଟାଣ୍ଡର ବାମ ପଟ ପ୍ରବେଶ ପଥରେ ପାଣି ଜମି ରହିବା କାରଣରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ପେଭର ପଡ଼ିଥିବା କେତେକ ସ୍ଥାନରେ ମଧ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ବର୍ଷା ହେଲେ ଏପରି ଅବସ୍ଥା ସୃଷ୍ଟି ହେଉଥିବା ଜଣାପଡିଛି। ବର୍ଷା ଋତୁ ଆସିବା ପୂର୍ବରୁ ଏନ୍‌ଏସି କର୍ତ୍ତୃପକ୍ଷ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କୁ ପଚାରିବାରେ ଏହାର ପ୍ରତିକାର ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ।

## କୋଭିଡ୍ ନିୟମ ଉଲ୍ଲଂଘନ, ଜରିମାନା ଆଦାୟ

**ଆସିକା,୩।୫(ଡି.ଏନ.ଏ.)**

ଆସିକା ବ୍ଲକର ହରିଡ଼ାପଦର ପଞ୍ଚାୟତ ମଣ୍ଡାପଡାରେ କୋଭିଡ୍ ନିୟମ ଉଲ୍ଲଂଘନ କରି ରବିବାର ରାତିରେ ଚାଲିଥିବା ଏକ ଶୁଦ୍ଧିକ୍ରିୟା ଭୋଜିଉପରେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଥିଲା। ଭୋଜିରେ ପ୍ରାୟ ୫ଶହରୁ ୬ଶହ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଇଥିବା ବେଳେ ଚଢାଉ ବେଳକୁ ୩ଭାଗ ଲୋକ ଖାଇସାରିଥିଲେ। ପ୍ରଶାସନ ପକ୍ଷରୁ ବଳକା ଖାଦ୍ୟକୁ ଜବତ କରାଯିବା ସହ ଆୟୋଜକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଆସିକା ତହସିଲଦାର ସଦାନନ୍ଦ ସେଠୀ ସୂଚନା ଦେଇଛନ୍ତି।

## ମଦ ସହ ୨ ଅଟୋ ଜବତ

**ଖଲ୍ଲିକୋଟ,୩।୫(ଡି.ଏନ.ଏ.)**

ଖଲ୍ଲିକୋଟ ପୋଲିସ ସମଲ ଗ୍ରାମ ନିକଟରୁ ସୋମବାର ବିପୁଳ ପରିମାଣର ମଦ ସହ ଦୁଇଟି ଅଟୋ ଜବତ କରିଛି। ଗୁହାରିଆପାଟ ଠାରୁ ଦୁଇଟି ଅଟୋରେ ୩୦ ବସ୍ତା ଦେଶୀ ମଦ ସମଲ ଗ୍ରାମ ରାସ୍ତାରେ ଯାଉଥିବା ବେଳେ ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ପୋଲିସ ଟିମ ସହ ଚଢ଼ାଉ କରିଥିଲେ। ଅଟୋ ଛାଡ଼ି ଡ୍ରାଇଭର ଖସି ପଳାଇଥିଲେ।

## ବୃଦ୍ଧ ଦମ୍ପତି ହତ୍ୟା ଘଟଣା, ୨ ଗିରଫ

**ଜଗନ୍ନାଥପ୍ରସାଦ,୩।୫(ଡି.ଏନ୍.ଏ.)**


ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଏସ୍‌ଡିପିଓ।

ଜଗନ୍ନାଥପ୍ରସାଦ ଥାନା ଶିଶୁଣ୍ଡା ଗ୍ରାମ ନିକଟରେ କାଜୁ ଫସଲ ଜଗିରହୁଥିବା ବୃଦ୍ଧ ଦମ୍ପତି ଭୀମ ପ୍ରଧାନ ଓ ଶିଶୁଲାଙ୍କ ହତ୍ୟା ଘଟଣାରେ ସୋମବାର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମୃତକ ବୃଦ୍ଧଙ୍କ ନାତି ଭାସ୍କର ପାତ୍ର ଓ ସହଯୋଗୀ ପ୍ରକାଶ ପାତ୍ର। ଏ ନେଇ ନଂ. ୧୨୯/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ସୋମବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସ୍‌ଡିପିଓ ସୁଧାଂଶୁ ଶେଖର ମିଶ୍ରଙ୍କ ସୂଚନା ପ୍ରକାରେ, ଭାସ୍କରଙ୍କ ସ୍ତ୍ରୀ ସବୁବେଳେ ଅସୁସ୍ଥ ରହୁଥିବାରୁ ଭୀମଙ୍କଠାରୁ ସେ ଚେରମୂଳି ଔଷଧ ନେଇଥିଲେ। କିନ୍ତୁ ସ୍ତ୍ରୀଙ୍କ ଦେବ ଭଲ ନ ହୋଇ ଅଧିକ ଖରାପ ହେଉଥିଲା। ତେଣୁ ଔଷଧ ଦେଇ ଭଲ କରିବା ବଦଳରେ ଭୀମ ଜାଣିଶୁଣି ମାରିଦେବା ପାଇଁ ଚେଷ୍ଟା କରୁଛି ବୋଲି ସନ୍ଦେହ କରି ଭାସ୍କର ପ୍ରକାଶଙ୍କ ସହଯୋଗରେ ଶିଶୁଣ୍ଡାସ୍ଥିତ କାଜୁ ଜଙ୍ଗଲରେ ପହଞ୍ଚି ଅର୍ଦ୍ଧରାତିରେ ବୃଦ୍ଧ ଦମ୍ପତି ଶୋଇଥିବା ଅବସ୍ଥାରେ ଶାବଳରେ ମୁଣ୍ଡକୁ ପିଟି ହତ୍ୟା କରି ଫେରାର ହୋଇଯାଇଥିଲେ। ଥାନାଧିକାରୀ ସେମାନଙ୍କୁ ଧରି ପଚରାଉଚରା କରିବା ପରେ ସେମାନେ ଦୋଷ ସ୍ୱୀକାର କରିଥିଲେ। ପୋଲିସ ହତ୍ୟାରେ ବ୍ୟବହୃତ ଶାବଳ, ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଏହି ଘଟଣାର ପର୍ଦ୍ଦାଫାଶ କରିଥିବାରୁ ଏସ୍‌ଡିପିଓ ସ୍ଥାନୀୟ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ ଓ ଟିମକୁ ପ୍ରଶଂସା କରିଛନ୍ତି।